ବର୍ଷ-୨୫, ସଂଖ୍ୟା-୩୩
ଭୁବନେଶ୍ୱର
୦୩, ଫେବୃଆରୀ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 33
Bhubaneswar
03 February, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଆ ଭାଷାର ଶିକ୍ଷାଦାନ ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୨(ମହାଭାରତ): - ଓଡ଼ିଶା ଏବଂ ଓଡ଼ିଆ ଭାଷା ଯେଉଁ କାଳଖଣ୍ଡରେ ନିଜର ଅସ୍ମିତ୍ୱ ଓ ଜାତୀୟତା ପାଇଁ ସଂଗ୍ରାମ କରୁଥିଲେ, ସେହି ସମୟରେ ଭକ୍ତକବି ମଧୁସୂଦନ ରାଓ, ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରି ଆମ ରାଜ୍ୟର ହୃତ ଗୌରବ ଫେରାଇ ଆଣିଥିଲେ ବୋଲି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପବିତ୍ର ଶ୍ରୀ ପଂଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା, ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ କହିଛନ୍ତି ଯେ, ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା 'ବର୍ଣ୍ଣବୋଧ'। ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ, ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ,



ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ କରିଛନ୍ତି।

ସେ ଆହୁରି ମଧ କହିଥିଲେ ଯେ, ମା', ମାତୃଭୂମି ଏବଂ ମାତୃଭାଷା ଯେ କୌଣସି ମାନବର ସବୁଠାରୁ ବଡ ପରିଚୟ। ଯଦି କେହି ଏହାର ହତାଦର କରେ, ତାକୁ ସ୍ୱଭାବ କବି ଅଜ୍ଞାନ କହିଥିଲେ ନିଜ କାଳଜୟୀ ରଚନାରେ। ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ । ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ଏହି ବହିଟି ଅତି କମ୍? ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା

## ⬢ବର୍ଣ୍ଣବୋଧ ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ
## ⬢ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଯିବ
## ⬢ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଆମେ ଗୁରୁତ୍ୱ ଦେଉଛୁ : ମୁଖ୍ୟମନ୍ତ୍ରୀ

। ଘରେ ଘରେ ବର୍ଣ୍ଣବୋଧ ପହଂଚିଲା । ୧୮୯୫ ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା । ଏହାର ଲୋକପ୍ରିୟତା ଏଭଳି ବଢିଗଲାଯେ ୧୮୯୫ ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢି ବଡ ହୋଇଛୁ, ଓଡିଆ ଭାଷାକୁ ଶିଖିଛୁ। ବର୍ଣ୍ଣବୋଧ ଆମ ମାଟି,ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରିଯାଇଛି। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ। ଶୁଦ୍ଧ ଓଡ଼ିଆ ପଢିବା ପାଇଁ ବର୍ଣ୍ଣବୋଧ ଅତ୍ୟନ୍ତ ଆବଶ୍ୟକ। ଆଜି ଆମ ଆଧୁନିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟକାରୀ ହେଉଛି ଅର୍ଥାତ 'ଆନନ୍ଦମୟ ଶିକ୍ଷା।' ଏହାର ଲକ୍ଷ୍ୟ ହେଉଛି, ଶିକ୍ଷାଦାନକୁ ଚିତ୍ର, ଖେଳଣା, ଉଦାହରଣ ମଧ୍ୟମରେ କରାଗଲେ ତାହା ପିଲାଙ୍କ ପାଇଁ ବୋଧଗମ୍ୟ ହେବ। ପ୍ରକୃତରେ, ଏହି ଶିକ୍ଷାର ଜନକ ଥିଲେ ମଧୁସୁଦନ ରାଓ। ସରଳ ଭାଷାରେ ଓ ଛୋଟ ଛୋଟ ପଦ୍ୟ ମାଧ୍ୟମରେ ଶିକ୍ଷାଦାନକୁ ସେ ବୋଧଗମ୍ୟ କରିଥିଲେ।

ସେ ପୁଣି କହିଥିଲେ, ବର୍ଣ୍ଣବୋଧ, ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ। ଭାଷା ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ଆମେ ଗୁରୁତ୍ୱ ଦେଉଛୁ। ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ବହିଟିର ନୂଆ ଶୋଭନ ସଂସ୍କରଣ ପାଇଁ ବିଶିଷ୍ଟ ଭାଷାବିତ୍ ଓ ସାହିତ୍ୟିକ କୈଳାଶ ଚନ୍ଦ୍ର ଟିକାୟତ ରାୟ, ଦାଶ ବେନହୁର, ବୈଷ୍ଣବ ଚରଣ ମହାନ୍ତି, ହରପ୍ରସାଦ ମିଶ୍ର ଓ ସନ୍ତୋଷ କୁମାର ରଥଙ୍କ ଅବଦାନ ପ୍ରଶଂସନୀୟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଏହି ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।ଏହି ନୂତନ ସଂସ୍କରଣ, କୁନି କୁନି ପିଲାମାନଙ୍କୁ ଖୁବ୍? ଭଲ ଲାଗିବ ଓ ଓଡ଼ିଆ ଭାଷାକୁ ସହଜରେ ଶିଖିବା ପାଇଁ ଏହା ସେମାନଙ୍କ ପକ୍ଷରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବର୍ଣ୍ଣବୋଧର ଡିଜିଟାଲ ସଂସ୍କରଣ, ଭାଷା ପ୍ରତିଷ୍ଠାନର ମୁଖପତ୍ର 'ଭାଷାପତ୍ର', ସତ୍ୟନାରାୟଣ ବହିଦାର ଏବଂ ବାସୁଦେବ ସାହୁଙ୍କ ଜୀବନୀ ପୁସ୍ତକ ମଧ ଉନ୍ମୋଚନ କରିଥିଲେ ଏବଂ ଭକ୍ତକବିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେଯେ, ବର୍ତ୍ତମାନ ସମୟରେ ସ୍ମାର୍ଟ କ୍ଲାସରୁମରେ ପିଲା ମାନଙ୍କୁ ଚିତ୍ର ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ୧୮୫୩ ମସିହାରେ ଜନ୍ମିତ ଭକ୍ତକବି, ପିଲାଙ୍କୁ ସ୍ମାର୍ଟ ବହି ସେତେବେଳେ ଧରାଇଥିଲେ। ସେତେବେଳେ ସ୍ରଷ୍ଟା ମାନେ ସାହିତ୍ୟ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିଥିଲେ। ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ଏବଂ ଆପଣ ମାନଙ୍କ ସହଯୋଗରେ ଏହା ନିଶ୍ଚୟ ସୁଦୃଢ ହେବ।ବିଧାୟକ ଶ୍ରୀ ବାବୁ ସିଂ କହିଥିଲେଯେ, ଆମ ସଂସ୍କୃତିକୁ ନେଇ ଆମେ ଗର୍ବ ଅନୁଭବ କରିଥାଉ। ସଂସ୍କୃତିକୁ ବଂଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି ଶୁଭଦିନ ଶ୍ରୀ ପଂଚମୀ, ଆମପାଇଁ ସଂସ୍କୃତି, ସ୍ୱାଭିମାନ ଓ ଅସ୍ମିତାକୁ ବଜାୟ ରଖିବା ପାଇଁ ଏକ ସଂକଳ୍ପର ଦିନ ବୋଲି ସେ କହିଥିଲେ। ।ର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ସମେତ ୧୦ ଗିରଫ

ଭୁବନେଶ୍ୱର, ୨।୨(ମହାଭାରତ): ସିବିଆଇ ନାକ୍ ରେଟିଂ ପାଇଁ ଲାଂଚ ନେବା ମାମଲାରେ ୧୦ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ମଧ ଥିବା ଜଣା ପଡିଛି ।ଉଲ୍ଲେଖନୀୟ ଯେ. ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଏକ ଓ୍ୱାଦେଶ୍ୱରମ୍ ନାମକ ଶିକ୍ଷାନୁଷ୍ଠାନର ରେଟିଂ ବଢ଼ାଇବା ପାଇଁ ଲାଂଚ ନେଉଥିବା ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ଆଧାରରେ ସିବିଆଇ ଗତକାଲି ଦେଶର ୧୦ଟି ବିଶ୍ୱ ବିଦ୍ୟାଳୟରେ ଛାନ୍?ଭିନ୍ କରିଥିଲେ ।ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପହଂଚି ଖୋଳତାଡ଼ କରିଥିଲେ। ଦୀର୍ଘ ସମୟ ଧରି ଯାଂଚ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବୁଲୁ ମହାରଣାଙ୍କୁ ଗିରଫ କରିଛନ୍ତି ସିବିଆଇ ଅଧିକାରୀ। ସେ ନାକ୍ ଟିମ୍ର ସଦସ୍ୟ ଅଛନ୍ତି। ଏହି ମାମଲାରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସିବିଆଇ ଚଢ଼ାଉ କରିଥିଲା । ଓଡ଼ିଶା ସମେତ ଚେନ୍ନାଇ, ବାଙ୍ଗାଲୋର, ବିଜୟ ଓ୍ୱାଡା, ସମ୍ବଲପୁର, ପାଲମୁ, ଭୋପାଳ ଦିଲ୍ଲୀ ଆଦି ଅଂଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ୩୭ ଲକ୍ଷ ନଗଦ ଟଙ୍କା, ୬ଟି ଲାପଟପ୍ ଏବଂ ଆଇ-ଫୋନ ଜବତ ହୋଇଛି। ଶିକ୍ଷାନୁଷ୍ଠାନର ଅଧିକାରୀ ଓ ନାକ୍ ଟିମ୍ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି।

# ବିକାନେରରେ ଭୂକମ୍ପ ଝଟ୍କା, ରିକ୍ଟର ସ୍କେଲରେ ତୀବ୍ରତା ୩.୬

ବିକାନେର, ୨।୨(ମହାଭାରତ): ରବିବାର ଦ୍ୱିପ୍ରହର ୧୨.୫୮ ମିନିଟ ସମୟରେ ବିକାନେର ଓ ଏହାର ଆଖପାଖ ଅଂଚଳରେ ଭୂକମ୍ପ ଝଟ୍?କା ଅନୁଭୂତ ହୋଇଛି । ଯାହାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଭୂକମ୍ପର କେନ୍ଦ୍ର ବିକାନେରରୁ ୭୨ କିଲୋମିଟର ଦୂର ଜସରାସରର ମହରାମସରରେ ମାଟି ତଳେ ୧୦ କିଲୋମିଟର ଗଭୀରରେ । ଭାରତର ନ୍ୟାସନାଲ ସେଂଟର ଫର୍ ସିସ୍ମୋଲୋଜି ଅନୁସାରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୬ ରେକର୍ଡ ହୋଇଛି । ହଠାତ୍ ଝଟ୍?କା ଅନୁଭୂତ ହେବାରୁ ଲୋକେ ଭୟରେ ବାହାରକୁ ଚାଲିଆସିଥିଲେ ।

# ଫେବୃଆରୀ ୮ରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୨।୨(ମହାଭାରତ): ଫେବୃଆରୀ ୮ ରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ମିଳିବ । ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବେ ସରକାର । ତା ପୂର୍ବରୁ ଏନପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିୟର କରିବାକୁ ଅପିଲ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ୩ ଏବଂ ୪ ତାରିଖରେ ବ୍ୟାଙ୍କ ଯାଇ ଏନପିସିଆଇ କ୍ଲିୟର କରିବାକୁ କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏବେ ବି ଅଢେଇ ଲକ୍ଷ ହିତାଧିକାରୀଙ୍କ ଏନପିସିଆଇ ସମସ୍ୟା ଅଛି । ସେହିପରି ଲକ୍ଷେରୁ ଅଧିକ ମହିଳାଙ୍କ କେଓ୍ୱାଇସି ସମସ୍ୟା ରହିଛି । ତେଣୁ ୮ ତାରିଖ ପୂର୍ବରୁ ଏହାର ସମାଧାନ କଲେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରାରେ ସାମିଲ ହୋଇପାରିବେ । ଚତୁର୍ଥ ପର୍ଯ୍ୟାୟ ପରେ ବି ଯୋଗ୍ୟ ମହିଳାଙ୍କୁ ଦିଆଯିବ ପ୍ରଥମ କିସ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି ।

# ମେ ୪ତାରିଖରେ ଖୋଲିବ ଶ୍ରୀବଦ୍ରିନାଥ ଧାମର ଦ୍ୱାର

ଟିହରି, ୨।୨(ମହାଭାରତ): ଉତ୍ତରାଖଣ୍ଡର ଚାରି ଧାମରୁ ଗୋଟିଏ ଶ୍ରୀବଦ୍ରିନାଥ ଧାମର କବାଟ ଚଳିତ ବର୍ଷ ମେ ମାସ ୪ ତାରିଖ ସକାଳ ୬ଟାରେ ଖୋଲିବ । ରବିବାର ବସନ୍ତ ପଂଚମୀ ଦିନ ରାଜମହଲ ନରେନ୍ଦ୍ର ନଗର ରାଜଦରବାରରେ ଦ୍ୱାର ଖୋଲିବାର ତିଥି ଟିହରି ଦରବାରରେ ପୂଜାର୍ଚ୍ଚନା ପରେ ତିଥି ଘୋଷଣା କରାଯାଇଛି । ଚଳିତ ବର୍ଷ ଶ୍ରୀବଦ୍ରିଧାମ ଖୋଲିବା ପ୍ରକ୍ରିୟା ଅଧୀନ ତେଲକାସ ଗାଡୁ ଘଡା ଯାତ୍ରା ଏପ୍ରିଏ ୨୨ ମଙ୍ଗଳବାରରୁ ଆରମ୍ଭ ହେବ ଏବଂ ମେ ୪ ତାରିଖରେ ଦ୍ୱାର ଖୋଲିବ । ଏଠାରେ ସୂଚନାଯୋଗ୍ୟ, ଶ୍ରୀବଦ୍ରିନାଥ ଧାମର କବାଟ ଖୋଲିବା ତିଥି ପ୍ରତି ବର୍ଷ ବସନ୍ତ ପଂଚମୀର ପବିତ୍ର ଅବସରରେ ହିଁ ନିର୍ଦ୍ଧାରିତ ହୋଇଥାଏ ।

# ୩୬ ଡିଗ୍ରୀ ଟପିଲା ତାତି

ଭୁବନେଶ୍ୱର,୨।୨(ସ୍ୱାଧିକାରନ୍ୟୁଜ): ମାଘ ମାସ ନସରୁଣୁ ଆରମ୍ଭ ହୋଇଯାଇଛି ଖରା। ମାଘ ମାସରେ ଯେଉଁଭଳି ଜାଡ଼ ହେବା କଥା, ତାହା ଏବର୍ଷ ଦେଖିବାକୁ ମିଳିନାହିଁ। ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ ଅତିକ୍ରମ କରି ଯାଇଛି। ବଲାଙ୍ଗିରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିଭଳି ଟିଟିଲାଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡିରେ ୩୫.୮, ଝାରସୁଗୁଡ଼ାରେ ୩୫.୬, ସମ୍ବଲପୁରରେ ୩୫.୧ ଓ ଭବାନୀପାଟଣାରେ ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।ଅନୁଗୋଳ ଓ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୪.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୪.୯ ଏବଂ କଟକରେ ୩୩ ଡିଗ୍ରୀ ରହିଥିଲା।

ଏନେଇ ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ, ସାଧାରଣତଃ ଫେବ୍ରୁଆ।ରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଶୀତ ରହେ। ଖରାର ପ୍ରଭାବ ଟିକେ ଡେରିରେ ଅ।ସେ। ଏ ବର୍ଷ ଟିକେ ଶୀଘ୍ର ଖରା ଅ।ସିଛି।କିନ୍ତୁ ଏହି ତାପମାତ୍ରାରେ ଏତେ ଅସଙ୍ଗତି ପରିଲକ୍ଷିତ ହୋଇନାହିଁ। ବହୁତ କମ୍




ଜାଗାରେ ତାପମାତ୍ରା ୩୪/୩୫ ଡିଗ୍ରୀ ଯାଉଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୩୪ ବା ୩୩ ଡିଗ୍ରୀ ତଳେ ରହୁଛି। ଅ।ଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବଢ଼ିବାର କାରଣ ଅଛି। ଏବେ ଦକ୍ଷିଣ-ପଶ୍ଚିମରୁ ଅର୍ଥାତ ତେଲଙ୍ଗାନା, କର୍ଣ୍ଣାଟକାର କିଛି ଅଂଶ ଓ ମହାରାଷ୍ଟ୍ର ପଟରୁ ପବନ ଅ।ସୁଛି। ଏବେ ସେହି ଅଞ୍ଚଳରେ ତାପମାତ୍ରା ଟିକେ ଅଧିକ ରହିଛି। ସେହି ସବୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ତାପମାତ୍ରା ୩୩ରୁ ୩୬ ଡିଗ୍ରୀ ରହୁଛି। ତେଣୁ ଅ।ମର ଏଠାରେ ତାପମାତ୍ରା ବଢ଼ି ଯାଉଛି। ଦକ୍ଷିଣ-ପଶ୍ଚିମ ପବନ ସାଧାରଣତଃ ଫେବ୍ରୁଆ।ରୀ ଦ୍ୱିତୀୟ ସପ୍ତାହ ପରେ ଅ।ସିଥାଏ। ଏ ବର୍ଷ ତାହା ଶୀଘ୍ର ଅ।ସିଛି। କାରଣ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଉପକୂଳରେ ଏକ ଗୁରୁଚାପ ରହୁଛି।ସେହି ଗୁରୁଚାପ ଯୋଗୁ ପବନ ଦୂରରେ କର୍ଣ୍ଣାଟକା ପାଖରେ ବୁଲି କେନ୍ଦ୍ର ଭାରତ ଅ।ଡ଼କୁ ଯାଉଛି। ସେହି ପବନ ପ୍ରଭାବରେ ଅ।ମର ଏଠାରେ ତାପମାତ୍ରା ବଢ଼ୁଛି।

ସେହିପରି ଉତ୍ତର-ପଶ୍ଚିମ ଭାରତରେ ଏକ ଷ୍ଟେର୍ଣ୍ଣ ଡିଷ୍ଟର୍ବାନ୍ସ ରହିଛି। ସେଥିପାଇଁ ସେଠାରୁ ଥଣ୍ଡା ପବନ ଓଡ଼ିଶା ଆଡ଼କୁ ଅ।ସିପାରୁ ନାହିଁ। ଯେତେବେଳେ ଷ୍ଟେର୍ଣ୍ଣ ଡିଷ୍ଟର୍ବାନ୍ସ ସକ୍ରିୟ ରହେ ଅ।ମର ପାଣିପାଗ ଟିକେ ଉଷ୍ମମ ରହେ କିନ୍ତୁ ଏବେ ସେଠାରେ ଷ୍ଟେର୍ଣ୍ଣ ଡିଷ୍ଟର୍ବାନ୍ସ

ପ୍ରଭାବରେ ପାଗ ଗରମ ଥିବା ବେଳେ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ଆସୁଥିବା ପବନ ଯୋଗୁ ତଥା ଓଡ଼ିଶାର ଆକାଶ ମେଘମୁକ୍ତ ଥିବା ଯୋଗୁ ତାପମାତ୍ରା ବଢ଼ିଛି। ତା ସହିତ ଅ।ଭ୍ୟନ୍ତରୀଣ ଓଡ଼ିଶାରେ ଅ।ଦ୍ରତା କମ୍ ରହୁଛି। ଫଳରେ ତାପମାତ୍ରା ବଢ଼ୁଛି। ଏମିତିକି ଭୁବନେଶ୍ୱରରେ ମଧ ତାପମାତ୍ରା ୩୪ ଡିଗ୍ରୀ ପର୍ଯ୍ୟନ୍ତ ପଳାଉଛି। ଭୁବନେଶ୍ୱରରେ ଯେଉଁ ଜଳୀୟ ବାଷ୍ପ ରହୁଛି, ତାର ସୂର୍ଯ୍ୟକିରଣକୁ ଗ୍ରହଣ କରି ନେବାର କ୍ଷମତା ରହୁଛି। ଫଳରେ ଭୁବନେଶ୍ୱରରେ ତାପମାତ୍ରା ବଢୁଛି। ତେବେ ଏହା ଏକ ସାମୟିକ ପ୍ରକ୍ରିୟା ଫେବ୍ରୁଆ।ରୀ ୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏହି ପ୍ରକାର ସ୍ଥିତି ରହିବ। ୧ ଡିଗ୍ରୀ ଭିତରେ ତାପମାତ୍ରା କମ୍ ବେଶୀ ହେବ ୬ ତାରିଖରୁ ତାପମାତ୍ରା କମିବାର ସମ୍ଭାବନା ରହୁଛି। କାରଣ ଏହା ଟ୍ରାଞ୍ଜିଟ୍ ପରିୟଡ୍ ଶୀତ ଋତୁ ଯାଉଛି ଓ ବସନ୍ତ ଋତୁ ଅ।ସୁଛି ଏଭଳି ସ୍ଥିତିରେ ବର୍ଷେ ବର୍ଷେ ଏମିତି ହଠ୍। ତାପମାତ୍ରା ବଢ଼ି ଯାଇଥାଏ ଏ ବର୍ଷ ତାପମାତ୍ରା ବଢ଼ିଲେ ବି ତାହା ଅପ୍ରତ୍ୟାଶିତ ଭାବେ ବହୁତ ଅଧିକ ହୋଇନାହିଁ। ଫେବ୍ରୁଆ।ରୀ ୧୫ ତାରିଖ ପରେ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଶ୍ରୀ ସାହୁ । ଅନ୍ୟପକ୍ଷରେ ଫେବ୍ରୁଆ।ରୀ ମାସ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ ବୋଲି କହିଛନ୍ତି।

# ଅନ୍‌ଲାଇନ୍‌ରେ ଅଟୋ ବୁକ୍ କରି ଡ୍ରାଇଭରକୁ ଆକ୍ରମଣ

**ଭୁବନେଶ୍ୱର,୨।୨(ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ଚୋରି, ଡକାୟତି, ହତ୍ୟା, ନିଶା କାରବାର ଭଳି ହିଂସାତ୍ମକ ଗତିବିଧି ବଢ଼ିବାରେ ଲାଗିଛି। ବ୍ୟାପକ ପୁଲିସିଂ ବ୍ୟବସ୍ଥା ଓ ପ୍ରମୁଖ ଛକରେ ସିସିଟିଭି ଖଞ୍ଜା ଯାଇଥିଲେ ମଧ ଅପରାଧୀମାନେ ଏହାକୁ ଖାତିର କରୁ ନାହାନ୍ତି। କମିସନରେଟ ପୁଲିସ ଅଧୀନ ଭରତପୁର ଥାନା ଅଞ୍ଚଳରେ ଆଜି ସନ୍ଧ୍ୟାରେ ଜଣେ ଅଟୋ ଚାଳକଙ୍କୁ ପ୍ରାଣାନ୍ତକ ଅ।କ୍ରମଣ କରାଯାଇଛି। ଆହତ ଅଟୋ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ସୂଚନା ଅନୁସାରେ ଅଭିଯୁକ୍ତ ଅ।ଜି ଅନ୍‌ଲାଇନରେ ଅଟୋ ବୁକିଂ କରିଥିଲେ ଅଟୋ ବୁକ୍ ହେଲା ପରେ ଏହାର ଚାଳକ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ଥିଲେ ତେବେ ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ଚାଳକଙ୍କୁ ଛୁରାମାଡ଼ କରିଥିଲା ବାରମ୍ବାର ଛୁରାମାଡ଼ କରିଥିଲା। ଫଳରେ ଚାଳକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ୍ ଜାରି ରଖିଛି ।

ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ଡ୍ରାଇଭରଙ୍କୁ ଛୁରାମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛି ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ୍ ଜାରି ରଖିଛି ।ତେବେ ଅ।ହତ ଅଟୋ ଚାଳକଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅଟୋ ଚାଳକମାନେ ଅଭିଯୁକ୍ତକୁ ଗିରଫ ଦାବିରେ କଳିଙ୍ଗ ଷ୍ଟୁଡିଓ ଛକରେ ଧାରଣା ଦେଇଛନ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଅ।କ୍ରମଣ ହୋଇଥିବା ସନ୍ଦେହ କରାଯାଉଛି।

# ଗଡ଼ଚିରୌଲି ଜିଲ୍ଲାରେ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ହତ୍ୟା କଲେ ନକ୍ସଲ

ମୁମ୍ବାଇ, ୨ ଫେବୃଆରୀ (ହି.ସ.)- ଗଡ଼ଚିରୌଲି ଜିଲ୍ଲାରେ ଅବସ୍ଥିତ କିୟାର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗତକାଲି ରାତିରେ ନକ୍ସଲ ମାନେ ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସୁଖଦେବ ମଡାବି (୪୫)ଙ୍କୁ ହତ୍ୟା କରିଛନ୍ତି । ତାଙ୍କ ମୃତଦେହ ନିକଟରେ ମାଓ ପୋଷ୍ଟର ଛାଡି ଯାଇଛନ୍ତି । ସୁଖଦେବ ମଡାବିଙ୍କ ଶବ ରବିବାର ସକାଳେ ଗ୍ରାମ ନିକଟରୁ ପୋଲିସ ଉଦ୍ଧାର କରିଛି । ମୃତଦେହ ନିକଟରୁ ମିଳିଥିବା ପୋଷ୍ଟରେ ଉଲ୍ଲେଖ ରହିଛି ଯେ, ମୃତକ ପୋଲିସ ଇନଫର୍ମର ଥିଲା । ପୋଲିସ ଏହି ପୋଷ୍ଟରକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସମ୍ପୃକ୍ତ ଅଂଚଳରେ ନକ୍ସଲ ବିରୋଧୀ ଅଭିଯାନକୁ ଜୋରଦାର୍ କରିଛି ।

ଗଡ଼ଚିରୌଲି ର ପୋଲିସ ଅଧିକ୍ଷକ ନୀଲୋତ୍ପଳ ଗଣମାଧ୍ୟମକୁ କହିଛନ୍ତି ଯେ, ଫେବୃଆରୀ ୧ ତାରିଖ ରାତିରେ ୩ ଜଣ ନକ୍ସଲ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ସୁଖଦେବ ମଡାବିଙ୍କୁ କ୍ୟାର ଗ୍ରାମରୁ ଉଠାଇ ନେଇଥିଲେ । ସେମାନେ ତାଙ୍କୁ ଜଙ୍ଗଲକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ତଂଟି ଚିପି ହତ୍ୟା କରିଥିଲେ । ମୃତଦେହ ନିକଟରୁ ମିଳିଥିବା ପୋଷ୍ଟରେ ଉଲ୍ଲେଖ ରହିଛି ଯେ, ମୃତକ ପୋଲିସ ଇନଫର୍ମର ଥିଲା ।

ରବିବାର ସକାଳେ କିୟାରି ଗ୍ରାମବାସୀ ଜଙ୍ଗଲରେ ସୁଖରାମ ମଡାବଙ୍କ ଶବ ଦେଖିବା ପରେ ପୋଲିସକୁ ଜଣାଇ ଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜପତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ଆଶଙ୍କା କରୁଛି ଯେ, ସମ୍ପୃକ୍ତ ଅଂଚଳରେ ମାଓବାଦୀ କମ୍ପାନୀ ନଂ. ୮ ସକ୍ରିୟ ରହିଛି । ଯାହାର ୩ ଜଣ ଲୋକ ଏହି କାର୍ଯ୍ୟ କରିଛନ୍ତି । ଗତ କିଛି ବର୍ଷ ଧରି ପୋଲିସ ଏଠାରେ ନକ୍ସଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଯେଉଁଥିରେ ଅନେକ ହିଂସକ ମାଓବାଦୀ ନିହତ ହୋଇଛନ୍ତି ଏବଂ ଅନ୍ୟ କେତେକ ଆତ୍ମ ସମର୍ପଣ କରିଛନ୍ତି ।

# ବାରବାଟୀ ଲଢ଼େଇ : ଅନ୍‌ଲାଇନ୍ ଟିକେଟ୍ ଶେଷ

**ଭୁବନେଶ୍ୱର,୨।୨(ମହାଭାରତ):** ଯେଉଁ ଆଶଙ୍କା କରାଯାଉଥିଲା, ତାହା ଘଟିଛି । ବାରବାଟୀ ଦିନିକିଆ ପାଇଁ ଅନଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହେଉ ହେଉ ସରିଗଲା। ମାତ୍ର ଅଧ ଘଣ୍ଟା ଭିତରେ ଆଜି ସରିଯାଇଛି ଟିକେଟ୍। ଗ୍ୟାଲେରୀ ନମ୍ବର-୨ ଓ ୪ ଟିକେଟ୍ ସୋଲ୍ଡ ଆଉଟ୍ ବା ବୁକିଂ ସରିଥିବା ଦେଖିବାକୁ ମିଳିଛି। ଏପରିକି ଟିକେଟ୍ ପାଇଁ ଯେଉଁ ଆପ୍ ଧାର୍ଯ୍ୟ ହୋଇଛି, ସେଥିରେ ଜଣେ ଫ୍ୟାନଙ୍କୁ ଟିକେଟ୍ ମିଳିବା କଷ୍ଟକର ହୋଇପଡୁଛି। ଟିକେଟ୍ ତ ବୁକ୍ ହେଉନି, ଆଉ ଯେଉଁମାନେ ଟିକେଟ୍ ବୁକ କରିବାକୁ ଚାହିଁବେ, ସେମାନଙ୍କୁ ଓ୍ୱେଟିଂ ଲିଷ୍ଟରେ ରହିବାକୁ ପଡୁଛି। ଏହାର ଅର୍ଥ ସେମାନଙ୍କ ନମ୍ବର ଆସିଲା ପୂର୍ବରୁ ଟିକେଟ୍ ସରିଯାଇଛି।

ଐତିହାସିକ ବାରବାଟୀ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର (୨୦୨୫ ଫେବ୍ରୁଆ।ରି ୯) ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ବହୁ ପ୍ରତୀକ୍ଷିତ ଏହି ମ୍ୟାଚ୍ ପାଇଁ ଆଜି ଠାରୁ ଟିକେଟ୍ ବିକ୍ରି ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଜି ଅପରାହ୍ଣ ୪ଟାରୁ ଅନ୍‌ଲାଇନ୍ ଟିକେଟ୍ ବିକ୍ରି ହୋଇଥିଲା। କ୍ରିକେଟପ୍ରେମୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଟିକେଟ୍ କିଣିବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିଥିଲେ। ତେବେ ହଜାର ହଜାର କ୍ରିକେଟ୍‌ପ୍ରେମୀଙ୍କୁ ଅନ୍‌ଲାଇନ୍ ଟିକେଟ୍ ନପାଇ ନିରାଶ୍ ହେବାକୁ ପଡ଼ିଥିଲା। ଟିକେଟ୍ ପାଇପାରି ନଥିବା ପ୍ରଶଂସକମାନେ ଏବେ ମନଦୁଃଖର ସହିତ ଅଛନ୍ତି କ୍ରିକେଟ୍‌କୁ ବହୁତ ଭଲ ପାଉଥିବା



ବ୍ୟକ୍ତିମାନେ ଏବେ ଅଫ୍‌ଲାଇନ୍‌ରେ ଟିକେଟ୍ କିଣିବାକୁ ଅପକ୍ଷୋ କରିଛନ୍ତି।

ବାରବାଟୀରେ ଭାରତ-ଇଂଲଣ୍ଡ ମ୍ୟାଚ୍ ପାଇଁ ରବିବାର ଅପରାହ୍ନ ୪ଟାରୁ ଟିକଟ୍ ବୁକିଂ ମୋବାଇଲ ଆପ୍ଲିକେସନ district by zomato ଓ ଗୁଗଲ୍ ବ୍ରାଉଜର zomato.in.ରେ ହୋଇଥିଲା ଦିବାରାତ ମ୍ୟାଚ୍ ପାଇଁ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଟିକେଟ୍‌ର ଯେଉଁଭଳି ଚାହିଦା ରହୁଛି, ଅଫ୍‌ଲାଇନ୍‌ରେ ଟିକେଟ୍ ଖଣ୍ଡେ ପାଇବାକୁ ମଧ ସଂଘର୍ଷ କରିବାକୁ ପଡ଼ିପାରେ। ଅଫ୍‌ଲାଇନ୍ ଟିକେଟ୍ କାଉଣ୍ଟର ଖୋଲିବାର ବହୁ ପୂର୍ବରୁ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି।

କଟକରେ ଭାରତ ବନାମ ଇଂଲଣ୍ଡ ମୁକାବିଲା ପାଇଁ ସମୟ ଯେତିକି ପାଖେଇ ଆସୁଛି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସେତିକି ସକ୍ରିୟ ଦେଖାଯାଉଛି ସରକାର, ପ୍ରଶାସନ ମଧ ନିଜନିଜ ସ୍ତରରେ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ୍ ଦେବାରେ ବ୍ୟସ୍ତ ଅଛନ୍ତି। ଏହାରି ମଧ୍ୟରେ କ୍ରିକେଟ୍‌ପ୍ରେମୀଙ୍କ ମନରେ ଉତ୍ସାହ ବଢ଼ିଯାଇଛି।

ବାରବାଟୀ ମୁକାବିଲା ନିମନ୍ତେ ଅଗଣିତ କ୍ରିକେଟପ୍ରେମୀ ଟିକଟକୁ ଅପେକ୍ଷା କରି ରହିଛନ୍ତି। ଅନ୍‌ଲାଇନ୍ ଟିକେଟ୍ ଶେଷ ହୋଇସାରିଛି। ମୋଟ୍ ୪ହଜାର ଟିକଟ୍ ଅନଲାଇନ୍‌ରେ ବିକ୍ରି କରିବାକୁ ଓସିଏ ସ୍ଥିର କରିଥିଲା। ୨ ନମ୍ବର ଗ୍ୟାଲେରି ପାଇଁ ୧୦୭୦ଟି, ୪ ନମ୍ବର ଗ୍ୟାଲେରି ପାଇଁ ୧୦୮୦ଟି, ୭ ନମ୍ବର ଗ୍ୟାଲେରି ପାଇଁ ୧୫୦୦ଟି, ସ୍ପେଶିଆଲ ଏନକ୍ଲୋଜର ପାଇଁ ୨୦୦ଟି, ଏସି ବକ୍ସ ପାଇଁ ୫୦ଟି ଏବଂ ନ୍ୟୁ ପ୍ୟାଭିଲିୟନର ୧୦୦ଟି ଟିକଟ ରହିଥିଲା।

ଅନଲାଇନ୍‌ରେ ଟିକେଟ୍ କିଣିଥିବା ବ୍ୟକ୍ତିମାନେ ୭, ୮ ଓ ୯ ତାରିଖ ତିନି ଦିନ ଭିତରେ ଏହାକୁ କଟକର କେମ୍ବ୍ରିଜ ସ୍କୁଲ ଏବଂ ଭୁବନେଶ୍ୱରର କିଟ୍ ଆଥଲେଟିକ ଷ୍ଟାଡିୟମରୁ ସଂଗ୍ରହ କରିବେ ୭ ଓ ୮ ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ।

# ବସନ୍ତ ପଂଚମୀ ସ୍ନାନ ପର୍ବ ଉପରେ ଲଗାତର ନଜର ରଖିବାକୁ ନିର୍ଦ୍ଦେଶ

ମହାକୁମ୍ଭ ନଗର, ୨।୨(ମହାଭାରତ): ପ୍ରୟାଗରାଜ ମହାକୁମ୍ଭ ବସନ୍ତ ପଂଚମୀ ସ୍ନା ପର୍ବକୁ ସକୁଶଳେ ସଂପନ୍ନ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବରିଷ୍ଠ ପୋଲିସ ଅଧିକାରୀ ଆଇସିସିସି କେନ୍ଦ୍ରରେ ପହଂଚିଛନ୍ତି ଏବଂ ସିସିଟିଭିରେ ମନିଟରିଂ କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି ।

ବସନ୍ତ ପଂଚମୀ ସ୍ନାନ ପୂର୍ବରୁ ଶ୍ରଦ୍ଧାଳୁଙ୍କ ସହଖ୍ୟା ଦ୍ରୁତ ଭାବେ ବଢିବାରେ ଲାଗିଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ନେଇ ପୋଲିସ କମିଶନର ଆଇସିସିସି କେନ୍ଦ୍ରରେ ପହଂଚିଛନ୍ତି । ଯେଉଁଠାରେ ଭିଡ ଜମୁଛି, ସେଠାରେ ପୋଲିସ ବଳକୁ ଫୋନ କରି ଅବଗତ କରଯିବା ସହ ଶ୍ରଦ୍ଧାଳୁଙ୍କ ଭିଡକୁ ଲଗାତର ଭାବେ ଆଗକୁ ବଢାଇବାକୁ ନିର୍ଦ୍ଦେଶ ଦିଆଯାଉଛି ।

...

## ପନିର କବାବ

**ଆବଶ୍ୟକୀୟ ସାମଗ୍ରୀ:** ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜଓ୍ୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କ□ା ଲଙ୍କା, ଜୁଆଣି ଏବଂ ସେଜଓ୍ୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍କୁ ବୁଡାଇ ତେଲରେ ଛାଣିଦିଅନ୍ତି। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ପନିର କବାବ।



ଖବର

## ଅଭିନୟରେ ଡେବ୍ୟୁ କରିବେ ଇବ୍ରାହିମ୍, ସାମ୍ନାକୁ ଆସିଲା ଫିଲ୍ମର ପୋଷ୍ଟର




ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନ ଏବଂ ଅଭିନେତ୍ରୀ ଅମ୍ରିତା ସିଂହଙ୍କ ପୁଅ ଇବ୍ରାହିମ୍ ଅଲୀ ଖାନ ଏବେ ଅଭିନୟରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଇବ୍ରାହିମଙ୍କୁ ଆଉ କେହି ନୁହେଁ ବରଂ ଜଣାଶୁଣା ନିର୍ଦ୍ଦେଶକ-ପ୍ରଯୋଜକ କରଣ ଜୋହର ଲଞ୍ଚ କରିବାକୁ ଯାଉଛନ୍ତି। ଇବ୍ରାହିମ୍ ଖୁବଶୀଘ୍ର ନାଦାନିଆଁ ଫିଲ୍ମ ଜରିଆରେ ଡେବ୍ୟୁ କରିବେ। ଏହି ରୋମାଣ୍ଟିକ ଫିଲ୍ମରେ ଖୁସି ଇବ୍ରାହିମ ଏବଂ ଖୁସି କପୁରଙ୍କ ଯୋଡ଼ି ଦେଖିବାକୁ ମିଳିବ। ଫିଲ୍ମରେ ସୁନୀଲ ସେଟ୍ଟୀ, ଦିୟା ମିର୍ଜା, ଜୁଗଲ ହଂସରାଜ ଏବଂ ମହିମା ଚୌଧୁରୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ ଜୋହର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟର ପୋଷ୍ଟ କରିଛନ୍ତି। ପୋଷ୍ଟରରେ ଇବ୍ରାହିମ ଏବଂ ଖୁସିଙ୍କ ଚମତ୍କାର କେମେଷ୍ଟ୍ରି ଦୃଶ୍ୟମାନ ହେଉଛି। ଏହି ପୋଷ୍ଟରକୁ ସେୟାର କରି କରଣ କ୍ୟାପସନରେ ଲେଖିଛନ୍ତି, ପ୍ରତ୍ୟେକ ପ୍ରେମ କାହାଣୀରେ ଟିକେ ପିଲାଳିଆମି ଥାଏ। ଫିଲ୍ମଟି ବକ୍ସ ଅଫିସରେ ନୁହେଁ ବରଂ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ।

## ଟୁଥପେଷ୍ଟ ଦେବ ଚମକଦାର ତ୍ୱଚା

ଦାନ୍ତ ସଫା ପାଇଁ ଟୁଥପେଷ୍ଟର ବ୍ୟବହାର କରାଯାଏ ଯାହା ଦାନ୍ତକୁ ଧଳା ଏବଂ ଚମକଦାର କରାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଜଣାଇବୁ ଟୁଥପେଷ୍ଟ କେବଳ ଦାନ୍ତ ପାଇଁ ନୁହେଁ ବରଂ ଚମକଦାର ତ୍ୱଚା ପାଇଁ ମଧ୍ୟ ବହୁତ ଲାଗକାରୀ ହୋଇଥାଏ । ଟୁଥପେଷ୍ଟ ସାହାଯ୍ୟରେ ବ୍ରଣ, କଳା, ଦାଗ, ରିଙ୍କଲକୁ ଦୂର କରାଯାଇପାରିବ। ତେବେ ଆସନ୍ତୁ ଜାଣିବା ଟୁଥପେଷ୍ଟର ବ୍ୟବହାର କିପରି ଭାବେ ଟୁଥପେଷ୍ଟର ବ୍ୟବହାର କରି କ୍ଲିନ ଏବଂ ଗ୍ଲୋଇଂ ତ୍ୱଚା ପାଇପାରିବେ ।

**ଲୋଚାକୁଚା ତ୍ୱଚାରୁ ଦେବ ମୁକ୍ତି:** ଚେହେରାରେ ରିଙ୍କଲ ବା ଲୋଚାକୁଚା ହଟାଇବା ପାଇଁ ମଧ୍ୟ ଟୁଥପେଷ୍ଟ ସାହାଯ୍ୟ କରିଥାଏ । ଏଥିପାଇଁ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ଟେବୁଲ ଚାମଚ କ୍ଷୀର ମିକ୍ସ କରନ୍ତୁ । ଏବେ ଏହି ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ ଦେଖିବେ ଏଥିରୁ ମୁକ୍ତି ମିଳିବ । ଏହାସହିତ ଟୁଥପେଷ୍ଟ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ରାତିସାରା ଏହାକୁ ଏମିତି ହିଁ ଲଗାଇ ରଖନ୍ତୁ । ସକାଳ ହେବା ପରେ ହିଁ ଫ୍ରେସ ପାଣିରେ ମୁହଁକୁ ସଫା କରନ୍ତୁ । ଏମିତି କିଛି ଦିନ ଲଗାତାର କରିବା ପରେ ରିଙ୍କଲ୍ କମ୍ ହେବାକୁ ଲାଗିବ ।

**ଡାର୍କ ସ୍ପର୍ଟ ବା କଳା ଦାଗ :** ଚେହେରାରେ ଡାର୍କ ସ୍ପର୍ଟ ବା କଳା ଦାଗର ସମସ୍ୟା ଥିଲେ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ ବୁନ୍ଦା ଲେମ୍ବୁ ରସ ମିକ୍ସ କରନ୍ତୁ । ଅଳ୍ପ ସମୟ ପରେ ଚେହେରାକୁ ପାଣିରେ ଧୋଇ ଦିଅନ୍ତୁ। ଏହାକୁ ଲଗାତାର ୨ସପ୍ତାହ ଲଗାଇବା ଦ୍ୱାରା କଳା ଦାଗ ଦୂର ହେବାରେ ବହୁତ ସାହାଯ୍ୟ ମିଳିଥାଏ ।

**ଜ୍ୱଳନ ଏବଂ କୁଣ୍ଡେଇ ହେବା ଠାରୁ ମିଳିବ ମୁକ୍ତି :** ସାଧାରଣତଃ କୀଟ ପୋକ କାମୁଡ଼ିବା କାରଣରୁ ତ୍ୱଚା କୁଣ୍ଡେଇ ହୋଇଥାଏ । ଏମିତିରେ ପୋକ କାମୁଡ଼ିଥିବା ସ୍ଥାନରେ ଟୁଥପେଷ୍ଟ ଲଗାଇବା ଦ୍ୱାରା ମିଳିଥାଏ ।



## ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।



ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ଥ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

## ବ୍ୟାପୁଛି ଡିପଥେରିଆ, ଜାଣନ୍ତୁ ରୋଗର କାରଣ-ଲକ୍ଷଣ-ନିରାକରଣ



ଓଡ଼ିଶାରେ ସଂକ୍ରମଣର ରୂପ ନେଉଛି ଡିପଥେରିଆ। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିଛି ଏହି ରୋଗ। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। ସମସ୍ତ ମୃତକ ରାୟଗଡ଼ା ଜିଲ୍ଲାର ହୋଇଥିବା ବେଳେ କିଛି ସଂକ୍ରମିତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଅଛନ୍ତି। ତେବେ ଏହି ରୋଗ କଣ, ଲକ୍ଷଣ ଓ ଚିକିତ୍ସା ବାବଦରେ ଜାଣନ୍ତୁ..

**ଡିପଥେରିଆ କିପରି ହୁଏ?**

ଡିପଥେରିଆ ଏକ ସଂକ୍ରମଣଜନିତ ରୋଗ। ଅର୍ଥାତ୍ ଏହା ଜଣେ ରୋଗୀଙ୍କଠାରୁ ଅନ୍ୟ ଜଣକୁ ବ୍ୟାପିଥାଏ। କୋରିନେବ୍ୟାକ୍ଟେରିୟମ୍ ଜୀବାଣୁ ସଂକ୍ରମଣ ଦ୍ୱାରା ବ୍ୟାପିଥାଏ ଡିପଥେରିଆ। ପ୍ରାୟତଃ ପିଲାମାନେ ଏହି ରୋଗରେ ପ୍ରଭାବିତ ହୁଅନ୍ତି। ଏହାର ଅର୍ଥ ନୁହେଁ ଯେ, କେବଳ ପିଲାମାନେ ହି ସଂକ୍ରମଣର ଶିକାର ହୁଅନ୍ତି, ବୟସ୍କମାନଙ୍କୁ ମଧ୍ୟ ଆକ୍ରାନ୍ତ କରିପାରେ ଡିପଥେରିଆ।

ଡିପଥେରିଆ ଜୀବାଣୁ ପ୍ରଥମେ ଗଳାକୁ ସଂକ୍ରମିତ କରିଥାଏ। ଏହି କାରଣରୁ ସଂକ୍ରମଣ ଶ୍ୱାସକ୍ରିୟାକୁ ବ୍ୟାପେ ଏବଂ ଗଳାରେ ଛିଦ୍ର ମଧ୍ୟ ସୃଷ୍ଟି ହୁଏ, ଯେଉଁଥିପାଇଁ ରୋଗୀକୁ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ସଠିକ୍ ସମୟରେ ଚିକିତ୍ସା କରାନଗଲେ ଜୀବାଣୁ ରକ୍ତ ମାଧ୍ୟମରେ ମସ୍ତିଷ୍କ ଏବଂ ହୃଦୟକୁ ପ୍ରଭାବିତ କରିପାରେ। ଏହି ଅବସ୍ଥାରେ ରୋଗୀଙ୍କ ଜୀବନ ବଞ୍ଚାଇବା କଷ୍ଟକର ହୋଇପାରେ।

ପିଲାମାନଙ୍କଠାରେ ଦେଖାଯାଉଥିବା ଏହି ସବୁ ଲକ୍ଷଣକୁ ସତର୍କ ରୁହନ୍ତୁ

- ନିଶ୍ୱାସ ନେବାରେ ଅସୁବିଧାୟ
- ବେକରେ ଫୁଲା, ଥଣ୍ଡାୟ
- ଜ୍ୱର, ଗଳା ଯନ୍ତ୍ରଣା, କାଶୟ

**ଚିକିତ୍ସା**

ଟୀକାକରଣ ମାଧ୍ୟମରେ ପିଲାମାନଙ୍କୁ ଡିପଥେରିଆ ରୋଗରୁ ରକ୍ଷା କରାଯାଇପାରିବ। ରୁଟିନ୍ ଟୀକାକରଣରେ ଉଟଞ୍ଜ (ଡିପଥେରିଆ, ପେର୍ଟୁସିସ୍ ଏବଂ ଟିଟାନସ୍) ଟିକା ଅନ୍ତର୍ଭୁକ୍ତ। ଏକ ବର୍ଷର ଶିଶୁକୁ ୩ ଉଟଞ୍ଜ ଟୀକାକରଣ କରାନ୍ତୁ। ଏହା ପରେ, ଚତୁର୍ଥ ଟିକା ଦେଢ ବର୍ଷରେ ଏବଂ ପ□ମ ଟିକା ୪ ବର୍ଷ ବୟସରେ ଦିଅନ୍ତୁୟ ଟୀକାକରଣ ହିଁ ଡିପଥେରିଆକୁ ରୋକିବାର ଏକମାତ୍ର ଉପାୟ।

## ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ

ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।



**ଶନି କେବେ ଦେଇଥାନ୍ତି ଅଶୁଭ ଫଳ**

ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୨. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇ ଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼ ସାତି ଓ ଦେଢ଼ୀ ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୩. ନିଜ ପଦର ଅଂହକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲୋକଙ୍କୁ କଠୋର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

# ସରକାରୀ ସ୍କୁଲରେ ପଢୁଛନ୍ତି ସର୍ବାଧିକ ପିଲା

**ଭୁବନେଶ୍ୱର,୨।୨ (ମହାଭାରତ):** ଓଡ଼ିଶାରେ ସରକାରୀ ସ୍କୁଲ ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଆକର୍ଷଣ ସବୁଠୁ ଅଧିକ। ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଅଧିକ ପିଲା ସରକାରୀ ସ୍କୁଲରେ ପାଠ ପଢ଼ନ୍ତି। ଏପରିକି ରାଜ୍ୟର ସରକାରୀ ସ୍କୁଲରେ ୬-୧୪ ବର୍ଷ ବୟସର ଛାତ୍ରଛାତ୍ରୀଙ୍କ ହାର ଅନ୍ୟ ରାଜ୍ୟଗୁଡ଼ିକଠାରୁ ଅଧିକ। ସାରା ଦେଶରେ ଏହି ବୟସ ବର୍ଗର ୬୬.୮% ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପାଠ ପଢୁଥିବାବେଳେ ଓଡ଼ିଶାରେ ୮୮.୬% ପିଲା ସରକାରୀ ସ୍କୁଲରେ ଶିକ୍ଷାଗ୍ରହଣ କରୁଛନ୍ତି। ଅନୁରୂପ ଭାବରେ ବିଭିନ୍ନ ବର୍ଗରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଉତ୍କର୍ଷ ପ୍ରଦର୍ଶନ କରିଥିବା ନିକଟରେ ପ୍ରକାଶିତ ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଅସର)ରେ ପ୍ରକାଶିତ ହୋଇଛି।



ରିପୋର୍ଟ ଅନୁସାରେ ୨୦୨୧ ମସିହା ବେଳକୁ ଦେଶର ୭୨% ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରେ ପଢୁଥିଲେ ହେଁ ୨୦୨୪ ବେଳକୁ ଏହା ହ୍ରାସ ପାଇ ୬୬.୮% ରେ ପହଞ୍ଚିଛି। ମାତ୍ର ଓଡ଼ିଶାରେ ସରକାରୀ ସ୍କୁଲ ପ୍ରତି ପିଲାମାନଙ୍କ ଆକର୍ଷଣ ଅଧିକ ହୋଇଛି। ୨୦୧୮ରେ ୮୮% ପିଲା ସରକାରୀ ସ୍କୁଲରେ ପାଠ ପଢୁଥିଲେ ଓ ଏବେ ବି ୮୮.୬% ପିଲା ସରକାରୀ ସ୍କୁଲର ଶିକ୍ଷାର୍ଥୀ ରହିଛନ୍ତି। ସର୍ବଭାରତୀୟସ୍ତରରେ ଏ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶା ପଛକୁ ଗୁଜରାଟରେ ୮୬.୫% ଓ ଛତିଶଗଡ଼ରେ ୮୦.୬% ପିଲା ସରକାରୀ ସ୍କୁଲରେ ପାଠ ପଢୁଛନ୍ତି।

ବିଦ୍ୟାଳୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନବୀନ ସରକାର ୫-ଟି ଉପକ୍ରମରେ ଶିକ୍ଷାର ରୂପାନ୍ତରୀକରଣ ଆରମ୍ଭ କରିଥିଲେ। ମାନବୃଦ୍ଧି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ବିଦ୍ୟାଳୟର ମୌଳିକ ଆବଶ୍ୟକତା ସ୍ୱରୁପ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ଉନ୍ନତମାନର ବିଜ୍ଞାନାଗାର, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ଖେଳ ପଡ଼ିଆର ଉନ୍ନତିକରଣ ଓ ଶୈକ୍ଷିକ ସମୃଦ୍ଧି ଭଳି ବ୍ୟବସ୍ଥାର ଉନ୍ନତିକରଣ ହୋଇଥିଲା। ଏପରିକି ଉଚ୍ଚ ବିଦ୍ୟାଳୟରେ ୪ଟି କ୍ଲବ ଯଥା ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ ଓ କ୍ରୀଡ଼ାଙ୍ଗନ ଗଠନ କରି ମେଧା ଶକ୍ତି ବିକଶିତ ପାଇଁ ପଥ ଉନ୍ମୁକ୍ତ କରିଥିଲା। ଯାହାର ପ୍ରତିଫଳନ ଅସର ରିପୋର୍ଟରେ ଦେଖାଯାଇଥିବା ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

# ଅବହେଳିତ ଅବସ୍ଥାରେ ବେରବୋଇର ଗାନ୍ଧୀ ପୀଠ

**ଡେଲାଙ୍ଗ,୨।୨ (ମହାଭାରତ):** କାଳଭଳି ଏ ସମାଜକୁ ଗ୍ରାସ କରୁଥିବା ନିଶା ଓ ହିଂସା କବଳରୁ ସମାଜକୁ ମୁକ୍ତ କରି ନିଶାମୁକ୍ତ ସୁସ୍ଥ ସମାଜ ଗଠନ ହୋଇପାରିଲେ ଗାନ୍ଧୀଜୀଙ୍କ ନିଶା ଓ ହିଂସା ମୁକ୍ତ ସମାଜ ଗଠନର ସ୍ୱପ୍ନ ଚରିତାର୍ଥ ହୋଇପାରିବ ଏବଂ ତାହା ହିଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଡେଲାଙ୍ଗ-ବ୍ଲକ୍ ବେରବୋଇର ଐତିହ୍ୟ ଗାନ୍ଧୀ ପୀଠ ପରିସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା, ଆଲୋଚନା ଚକ୍ର, ସତ୍ୟାଗ୍ରହ ସଭାରେ ଗାନ୍ଧୀ ଚିନ୍ତକ, ସମାଜସେବୀ, ସମାଜର ବଳିଷ୍ଠ ବ୍ୟକ୍ତିତ୍ୱବୃନ୍ଦ ବ୍ୟକ୍ତ କରିଛନ୍ତି। ଆଜି ଦେଶବ୍ୟାପୀ ଗାନ୍ଧୀଜୀଙ୍କ ତିରୋଧାନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବେରବୋଇ ଗାନ୍ଧୀ ସ୍ମୃତି କମିଟି ତରଫରୁ ଗାନ୍ଧୀ ପୀଠ ପରିସରରେ ଭିନ୍ନ ଭିନ୍ନ ସାମାଜିକ ଦୃଷ୍ଟି ସ୍ୱରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ କମିଟି ତରଫରୁ ଗାନ୍ଧୀ ପୀଠ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କସ୍ତୁରବା କେନ୍ଦ୍ର ସଞ୍ଚାଳିକା କବିତାରାଣୀ ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଲବାଡି କେନ୍ଦ୍ରର କୁନି କୁନି ଶିଶୁ ଓ ଗାନ୍ଧୀ କମିଟିର ସଭ୍ୟମାନେ ରାମଧୁନ୍ ଗାନକରି ପବିତ୍ର ବ୍ରହ୍ମେଶ୍ୱରଙ୍କ ପୁଷ୍କରିଣୀରେ ଗାନ୍ଧୀଙ୍କ ଉଦେଶ୍ୟରେ ତିଳ ତର୍ପଣ କରିଥିଲେ। ତତ୍ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ସୋଇଥିଲା। ସ୍ୱଛତା, ତିଳ ତର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ସଭାରେ ଗାନ୍ଧୀ ସ୍ମୃତି କମିଟିର ସଭାପତି ତଥା ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ପ୍ରାକ୍ତନ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, କମିଟିର ଉପ ସଭାପତି ସନ୍ତୋଷ ବିଶ୍ୱାଳ, ସହ ସମ୍ପାଦକ ସର୍ବେଶ୍ୱର ବରେଇ, ସାଂସ୍କୃତିକ ସମ୍ପାଦକ ଅମରେନ୍ଦ୍ର ବାରିକ, ସାଙ୍ଗଠନିକ ସମ୍ପାଦକ ତଥା ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, କୋଷାଧକ୍ଷ ତଥା ସମାଜସେବୀ ଭାଗୀରଥି ପରିଡ଼ା, ବୁଦ୍ଧିଜୀବୀ ଦେବେନ୍ଦ୍ର ବେହେରା, ସୁରେଶ ମନ୍ତ୍ରୀ, ସଭ୍ୟ ଶିକ୍ଷକ ଅଭୟ ଚରଣ ସାହୁ, କ୍ଷେତ୍ରବାସୀ ଆଲୁକ, ସେବିକା ସବିତା ପଟ୍ଟନାୟକ, ଗାନ୍ଧୀ ପ୍ରେମୀ ଦିବାକର ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ ପୂର୍ବକ ଗାନ୍ଧୀଙ୍କ ସ୍ମୃତିକୁ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଯେଉଁ ବେରବୋଇର ପବିତ୍ର ମାଟିରେ ୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ଦୀର୍ଘ ସାତଦିନ ସସ୍ତ୍ରୀକ ରହି ଦେଶବାସୀଙ୍କୁ ପରାଧୀନତାରୁ ରକ୍ଷା ପାଇଁ ମୁକ୍ତି ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲେ, ସେହି ଗାନ୍ଧୀ ପୀଠରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ପୀଠର ଉନ୍ନତିକରଣ ପାଇଁ ମାତ୍ର କିଛି କାର୍ଯ୍ୟ କରାଯାଇଥିଲେ ମଧ ଏବେ ବି ତାହା ଅନେକ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିବା ଗାନ୍ଧୀଙ୍କ ଚିନ୍ତା ଚେତନା ପ୍ରତି ଚରମ ଅବହେଳା ବୋଲି ଗାନ୍ଧୀ ପ୍ରେମୀ ମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପୀଠ ପରିସରରେ ଦୀର୍ଘ ଦିନ ଧରି ନିର୍ମିତ ହୋଇଥିବା ଗାନ୍ଧୀଜୀଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇପାରିନାହିଁ। ଡେଲାଙ୍ଗ ଅଞ୍ଚଳରେ ନିଶାଚର ମଦ୍ୟପ, ବିଭିନ୍ନ ପ୍ରକାରର ନିଶାଶକ୍ତଙ୍କ କବଳର ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ପୂର୍ବାହ୍ନରେ ଗାନ୍ଧୀ ସ୍ମୃତି କମିଟି, କସ୍ତୁରବା କେନ୍ଦ୍ର ଓ ପ୍ରଜପିତା ବ୍ରହ୍ମା କୁମାରୀଙ୍କ ସମ୍ମିଳିତ ସହଯୋଗରେ ଅନୁଷ୍ଠିତ ସତ୍ୟାଗ୍ରହ ଓ ସଭାରେ କମିଟି ସଭାପତି କୁନ୍ତଳା ବିଶ୍ୱାଳଙ୍କ ଅଧକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ଼କ୍ଟର ହେମନ୍ତ କୁମାର ଛୋଟରାୟ, ନାରୀନେତ୍ରୀ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, କୃଷକ ନେତା ଅଶୋକ ପ୍ରଧାନ, କିଷାନ୍ ପଟ୍ଟନାୟକ, ଡେଲାଙ୍ଗ-ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ନାରୀନେତ୍ରୀ ନିରୁପମା ପାତ୍ର, ଐତିହାସିକ ତଥା ଗବେଷକ ଭୀମସେନ ମହାପାତ୍ର, ନାଟ୍ୟକାର ସାହିତ୍ୟିକ ବିଭୂତି ଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ସାମ୍ବାଦିକ କବି ଦିଲ୍ଲୀପ ଧାଉଡିଆ ସମାଜସେବୀ ନଳିନୀ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ପବିତ୍ର ସାହୁ, ଆଇନଜୀବୀ ହୃଷୀକେଶ ପାଢ଼ୀ ସମାଜସେବୀ ଗାନ୍ଧୀପ୍ରେମୀ ଅନାମ ମଲ୍ଲିକ ପ୍ରମୁଖ ଯୋଗଦେଇ ଡେଲାଙ୍ଗ ଅଞ୍ଚଳରୁ ସ୍ବ ପ୍ରକାର ନିଶାକୁ ହଟାଇବା ପାଇଁ ଯୋଜନା ବଦ୍ଧ ଦୃଢ଼ ନିଷ୍ପତ୍ତିଯୁକ୍ତ ପ୍ରସ୍ତାବ ଦେଇଥିଲେ। ନିଶା ହଟାଇବା ଓ ଗାନ୍ଧୀପୀଠର ଉନ୍ନତି କରଣ ଆଧାରିତ ଏକ ଦାବିପତ୍ର ଡେଲାଙ୍ଗ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କୁ ସରକାରଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଥିଲା। ସମସ୍ତେ ଡେଲାଙ୍ଗ-ଥାନା ଅଧିକାରୀଙ୍କୁ ଭେଟି ନିଶା କବଳରୁ ଡେଲାଙ୍ଗ-ବ୍ଲକ୍‌କୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏ ସମସ୍ତ ଘଟଣାକୁ ପୁରୀ ଜିଲ୍ଲାପାଳଙ୍କୁ ଜଣାଇ ପରିସର ଓ ପରିସ୍ଥିତିର ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ ବୋଲି ସମସ୍ତେ ଏକ ସ୍ୱରରେ କହିଥିଲେ। ଅସ୍ପୃଶ୍ୟତା ନିବାରଣ, ସ୍ୱଦେଶୀ ଚିନ୍ତାଧାରା, କୁଟୀର ଶିଳ୍ପ ଉପରେ ଅନେକ କଥା ଆଲୋଚନା କରାଯାଇଥିଲା।

# ଗଞ୍ଜାମ ଜିଲ୍ଲା ଚାଷୀ ମାନଙ୍କ ଟୋକେନ୍ ଅବଧି ବୃଦ୍ଧି

**ଛତ୍ରପୁର,୨।୨ (ମହାଭାରତ):** ଗଞ୍ଜାମ ଜିଲ୍ଲାର ସମସ୍ତ କୃଷକ ମାନଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଉ ଅଛି କି କୌଣସି ଚାଷୀଙ୍କର ଟୋକେନ୍ କ୍ଷତି ହେବାକୁ ଦିଆଯିବ ନାହିଁ।ଚାଷୀ ମାନଙ୍କ ଟୋକେନ୍ ଅବଧି ବୃଦ୍ଧି କରିବା ନେଇ ରଜ୍ୟ ସରକାର ଜିଲ୍ଲାପାଳ ମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାର ୧୦୮୦ ଚାଷୀଙ୍କ ଟୋକେନ୍ ଅବଦ୍ଧି ୧୫ ଦିନ ସକାଶେ ବୃଦ୍ଧି କରଯାଇଛି। ସେହିଭଳି ଆଗାମୀ ଦିନରେ ମଧ ଟୋକେନ୍ ସମୟର ବୃଦ୍ଧି କରାଯିବ। କୌଣସି ଚାଷୀଙ୍କ ଟୋକେନ୍ କ୍ଷତି ହେବାକୁ ଦିଆଯିବ ନାହିଁ। ଆବଶ୍ୟକ ସ୍ଥଳେ ସେମାନଙ୍କ ଟୋକେନ୍ ସମୟସୀମା ବୃଦ୍ଧି କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମତ ଦେଇଛନ୍ତି। ତେଣୁ ଟୋକେନ୍ କ୍ଷତି ହେବା ଗୁଜବକୁ ଚାଷୀଗଣ ବିଶ୍ୱାସ କରନ୍ତୁ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଟୋକେନ୍ ବୃଦ୍ଧି କରିବା ନେଇ ଚାଷୀଗଣ ସେମାନଙ୍କ ଅଞ୍ଚଳର ସୋସାଇଟିକୁ ସମ୍ପାଦକ କିମ୍ବା ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପାଣି ପଞ୍ଚାୟତ କୁ ଲିଖିତ ଅବଗତ କରାଇ ନିଅନ୍ତୁ। କିମ୍ବା ଅନଲାଇନ୍ ଜରିଆରେ ସୋସାଇଟି ସେକ୍ରେଟାରୀ (ସମ୍ପାଦକ) ମାଧ୍ୟମରେ ଡି.ଆର.ସି.ଏସ ଙ୍କ ଠାରେ ଦାଖଲ କରିପାରିବେ। ଏଣୁ ଚାଷୀମାନଙ୍କୁ ଅନୁରୋଧ ସେମାନେ ନିଜ ଟୋକେନ୍ ନେଇ ଭୟଭୀତ ନହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତଥ୍ୟ ମାଗିଲେ ହାଇକୋର୍ଟ

**କଟକ,୨।୨ (ମହାଭାରତ):** ହସପିଟାଲକୁ ପ୍ରଦାନ କରାଯାଉଥିବା ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ନିର୍ଦ୍ଦିଷ୍ଟ ଅବଧି ତାରିଖ ଉଲ୍ଲେଖ କରାଯାଇନଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଶେଷକରି ଅଗ୍ନିଶମ ବିଭାଗ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ରକୁ ହାଲୁକା ଭାବେ ଗ୍ରହଣ କରାଯାଉଥିବା ନେଇ ହାଇକୋର୍ଟ ମଧ ଉଦବେଗ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଏକ ଘରୋଇ ହସପିଟାଲକୁ ବନ୍ଦ କରାଯିବା ପ୍ରସଂଗରେ ଦାୟର ଆବେଦନକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟର ସମସ୍ତ ହସପିଟାଲ ଗୁଡିକର ଅଗ୍ନି ନିରାପତ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି।

ହେଲଥକେୟାର ହସପିଟାଲ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମସ୍ତ ହସପିଟାଲର ଅଗ୍ନି ନିରାପତ୍ତା ଯାଞ୍ଚ ରିପୋର୍ଟକୁ ସତ୍ୟପାଠ ଜରିଆରେ ଆସନ୍ତା ୪ମାସ ମଧ୍ୟରେ ଦାଖଲ କରିବାକୁ ରାଜ୍ୟ ଅଗ୍ନିଶମ ବିଭାଗର ଡିଜିଙ୍କୁ ହାଇକୋର୍ଟ ଆଜି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ,ଆବେଦନକାରୀ ହସପିଟାଲର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଗତ ୨୦୨୦ ଅଗଷ୍ଟ ୧୬ରେ ଜାରି କରାଯାଇଥିଲେ ସୁଦ୍ଧା ଏହାର ବୈଧତା ସମୟ ଉଲ୍ଲେଖ ନଥିବା ବେଳେ କେନ୍ଦ୍ରାପଡା ସିଡିଏମଓଙ୍କ ପକ୍ଷରୁ ଗତ ୨୦୨୪ଅକ୍ଟୋବର୧୯ରେ ଏହାକୁ ବନ୍ଦ କରିବାକୁ ନୋଟିସ ଦିଆଯାଇଥିଲା।

ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଜାରି ପ୍ରମାଣପତ୍ରର କେତେ ଦିନ ପର୍ଯ୍ୟନ୍ତ ବୈଧ ତାହା ଉକ୍ତ ପ୍ରମାଣପତ୍ରରେ ଉଲ୍ଲେଖ ନଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ସମ୍ପୃକ୍ତ ମେଡିକାଲକୁ ପ୍ରଦାନ କରାଯାଇଥିବା ପ୍ରମାଣପତ୍ରର ଅବଧି ତାରିଖ କାହିଁକି ଉଲ୍ଲେଖ କରାଯାଇନାହିଁ ସେ ସମ୍ପର୍କରେ ଅଗ୍ନିଶମ ବିଭାଗ ସ୍ପଷ୍ଟୀକରଣ ଦେବ ବୋଲି ହାଇକୋର୍ଟ କହିଛନ୍ତି। ତେବେ କେନ୍ଦ୍ରାପଡା ଜିଲ୍ଲା ଅଗ୍ନିଶମ ବିଭାଗ ଇତିମଧ୍ୟରେ ଆବେଦନକାରୀ ହସପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରିବା ପରେ ଯଦି ତାହା ଯୋଗ୍ୟ ହୁଏ ତାହେଲେ ଉକ୍ତ ହସପିଟାଲକୁ ଖୋଲିବାକୁ ଅନୁମତି ଦିଆଯିବ ବୋଲି ଅଦାଲତ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରି୧୯କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ପରଜା ଦେଓପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତେନ୍ତୁଳିଖୁଣ୍ଟି,୨।୨ (ମହାଭାରତ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ ଦେଓପାଲି ପଞ୍ଚାୟତର ପରଜା ଦେଓପାଲି ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୁବାସ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ଚନ୍ଦ୍ର ରଥଙ୍କ ବୈଦିକ ମନ୍ତ୍ରୋଧ୍ୱନି ସହ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ, ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ମୁଖ୍ୟ ଅତିଥି, ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ଜଗ ମୋହନ ମାଝୀ, ଏବିଇଓ ମୋହନ ମଧୁସୂଦନ ବାଗ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟନାୟକ, ସରପଞ୍ଚ ପ୍ରମିଳା ମୁଦୁଲି, ସିଆରସିସି ପ୍ରମୋଦା ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛାତ୍ରଛାତ୍ରୀଙ୍କୁ ପାଠ ପଢା ରେ ମନୋନିବେଶ କରିବା ସହ ସାଂପ୍ରତିକ ବ୍ୟବସ୍ଥାରେ ନିଜକୁ ସ୍ଥାପିତ କରିବା ପାଇଁ ସାଠ ସହ ଖେଳ କୁଦ ନାଚ ଗୀତ ଆଦିରେ ମଧ ନିଜକୁ ସ୍ଥାପିତ କରିବା ପାଇଁ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବିଡ଼ିଓ ପାଣିଗ୍ରାହୀ ପ୍ରତିଯୋଗିତା ମୂଳକ ବ୍ୟବସ୍ଥା ରେ ନିଜକୁ ସ୍ଥାପିତ କରିବା ପାଇଁ ଉଦ୍‌ଯୋଗୀ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟ ପରାୟଣ ହେବାକୁ ଆହ୍ୱାନ କରିଥିଲେ। ତଫସିଲ ଭୁକ୍ତ ଜାତି ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା ପ୍ରତିଯୋଗିତା ମୂଳକ ଶିକ୍ଷା ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଡବ୍ଲ୍ୟୁଇଓ ସୂଚନା ଦେଇଥିଲେ। ମଞ୍ଚ ପରିଚାଳନା ସହକାରୀ ଶିକ୍ଷୟତ୍ରୀ ବନିତା ସ୍ୱାଇଁ କରିଥିବା ବେଳେ ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷକ ପାଠ କରିଥିଲେ। ମଞ୍ଚରେ ଅଭିଭାଷଣ କାର୍ଯ୍ୟକ୍ରମ ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ନିମନ୍ତ୍ରିତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ପ୍ରଦାନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଯାହାକୁ ସହକାରୀ ଶିକ୍ଷକ ଜଗଦେବ କେଶରୀ ସାମନ୍ତ ପରିଚାଳନା କରିଥିଲେ।

# ୮ରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର,୨।୨ (ମହାଭାରତ):** ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ 'ସୁଭଦ୍ରା ଯୋଜନା'ର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଅଳଗାମୀ ଫେବୃଆରୀ ୮ ତାରିଖରେ ମିଳିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଣୁ ଯେଉଁମାନଙ୍କ ପାଖକୁ ବ୍ୟାଙ୍କରୁ ଫୋନ୍ ଯିବ, ସେମାନେ ୩ ଓ ୪ ତାରିଖରେ ବ୍ୟାଙ୍କକୁ ଯାଇ ନିଜର ଇକେୱାଇସି ଠିକ୍ କରିଦେଲେ ସେମାନଙ୍କୁ ବି ସୁଭଦ୍ରା ଟଙ୍କା ଦିଆଯିବ। ଯଦି ୩/୪ରେ ଏନପିସିଆଇ କ୍ଲିଅର୍ ହୋଇଯିବ, ତେବେ 'ସୁଭଦ୍ରା ଯୋଜନା'ରେ ୧ କୋଟି ହିତାଧିକାରୀ ହୋଇଯିବେ। ମାର୍ଚ୍ଚ ୮ ତାରିଖ ସୁଦ୍ଧା ଯେତେସଂଖ୍ୟକ ମହିଳାଙ୍କୁ ସମ୍ଭବ ଦିଆଯିବ। ଓଡ଼ିଶା ସରକାର ଟଙ୍କା ଦେବାରେ ହେଳା କରିବେ ନାହିଁ। ଏଯାଏ ୮୦ଲକ୍ଷ ମହିଳାଙ୍କ ବ୍ୟାଙ୍କ ଏକାଉଣ୍ଟକୁ ସୁଭଦ୍ରା ଟଙ୍କା ଯାଇସାରିଛି।



ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବା ପରେ ହିତାଧିକାରୀମାନେ ଖୁସି। ଗତବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଅନେକ ମହିଳା ଉପକୃତ ହୋଇଛନ୍ତି। ଏଣେ ମାର୍ଚ୍ଚ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ମିଳିବ। ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀ ମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବା ପରେ ହିତାଧିକାରୀମାନେ ଖୁସି। ଗତ ବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଅନେକ ମହିଳା ଉପକୃତ ହୋଇଛନ୍ତି। ଏଣେ ମାର୍ଚ୍ଚ ୮ ତାରିଖରେ 'ସୁଭଦ୍ରା ଯୋଜନା'ର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ମିଳିବ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହୁରି କହିଛନ୍ତି, ଯାଜପୁରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବେ ସରକାର। ଏହା ପୂର୍ବରୁ ଏନପିସିଆଇ ସମସ୍ୟା ଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଯାଇ କ୍ଲିୟର କରନ୍ତୁ। ୩ ଏବଂ ୪ ତାରିଖରେ ବ୍ୟାଙ୍କ ଯାଇ ଏନପିସିଆଇ କ୍ଲିୟର କରନ୍ତୁ। ଏବେ ବି ଅଢେଇ ଲକ୍ଷ ହିତାଧିକାରୀଙ୍କ ଏନପିସିଆଇ ସମସ୍ୟା ଅଛି। ଏକ ଲକ୍ଷରୁ ଅଧିକ ମହିଳାଙ୍କ ଇ-କେୱାଇସି ସମସ୍ୟା ରହିଛି। ୮ ତାରିଖ ପୂର୍ବରୁ ଏହାର ସମାଧାନ କଲେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରାରେ ସାମିଲ ହୋଇପାରିବେ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ବନ୍ଧରେ ସଚେତନତା ଶିବିର

**ନୟାଗଡ,୨।୨ (ମହାଭାରତ):** ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ନାରାୟଣ ମହାରଣା ଏବଂ ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ତତ୍ତ୍ୱାବଧନାରେ ଜିଲା କୋର୍ଟ ପରିସରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ବନ୍ଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଅତିରିକ୍ତ ଦୌରାଜଜ ତଥା ପୋକ୍ସୋ ବିଚାରପତି ମାନସ କୁମାର ପଣ୍ଡା ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ କହିଲେ ଯେ କାର୍ଯ୍ୟକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ଆଇନ୍ ୨୦୧୩ ଅନୁସାରେ ଶରୀରିକ ସଂସ୍ପର୍ଶ ଏବଂ ଅଗ୍ରଗତି, ଯୌନ ଇଛା ସମ୍ପାଦିତ ପାଇଁ ଦାବି କରିବା, ଅନୁରୋଧ କିମ୍ବା ଯୌନ ସମ୍ପର୍କିତ ମନ୍ତବ୍ୟ କିମ୍ବା ଅଶ୍ଳୀଳ ଚିତ୍ର ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ଅଶୋଭନୀୟ ଶାରୀରିକ, ମୌଖ୍ୟକ କିମ୍ବା ଭାବଭଙ୍ଗୀ ଦ୍ୱାରା ଯୌନ ସମ୍ପର୍କିତ କାର୍ଯ୍ୟ ସମ୍ପାଦନ କରିବାକୁ ବୁଝାଏ। ଏହି ଅଧୁନିୟମ ଯେଉଁ ମହିଳାମାନେ କର୍ମକ୍ଷେତ୍ରରେ ନିୟୋଜିତ ଅଛନ୍ତି, ଯେଉଁ ମହିଳାମାନେ ଗ୍ରାହକ, ଶିକ୍ଷାର୍ଥୀ, ଦିନମଜୁରିଆ ଭାବେ କାର୍ଯ୍ୟକରନ୍ତି ଏମାନଙ୍କୁ ସୁରକ୍ଷା ଦିଏ। ଉତ୍ପୀଡ଼ିତା ମହିଳା ଲିଖିତ ସମ୍ମତିପତ୍ର ସହ ଅଭିଯୋଗ କରିପାରିବେ। ଉତ୍ପୀଡ଼ିତା ମହଳାଙ୍କ ସମ୍ପର୍କୀୟ ସାଙ୍ଗସାଥୀ କିମ୍ବା ସହକର୍ମୀ ଜାତୀୟା/ରାଜ୍ୟ ମହିଳା ଅଧୁକାରୀ ଘଟଣା ବିଷୟରେ ଅବଗତ ଥିବା ଯେକୌଣସି ବ୍ୟକ୍ତିବିଶେଷ ଅଭିଯୋଗ କରିପାରିବେ। ମାନସିକ ବିକାରଗ୍ରସ୍ତ ମହିଳାଙ୍କ କ୍ଷେତ୍ରରେ ବିଶେଷ ଶିକ୍ଷାବିତ୍ ଯୋଗ୍ୟ ମନସ୍ତତ୍ତ୍ୱବିତ୍ ମହିଳାଙ୍କ ମୃତ୍ୟୁ ମାମଲାରେ ତାଙ୍କର ଆଇନଗତ ଉତରାଧୁକାରୀ ଅଭିଯୋଗ କରିପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥୁ ଭାବେ ସୁବ୍ରତ କୁମାର ପଟ୍ଟନାୟକ ପରିବାର କୋର୍ଟ, ସତ୍ୟବ୍ରତ ରଣା ସିନିୟର ସିଭିଲ୍ ଜଜ୍, ରବିନାରାୟଣ ବେହେରା, ସିନିୟର ସିଭିଲ୍ ଜଜ୍ (ଏଲଆର୍ ଆଣ୍ଡ ଏଲଟିଭି) ସୋନାଲି ସରୀତା ରେଜିଷ୍ଟ୍ରରା, ସ୍ୱୟଂପ୍ରଭା ଆଚର୍ଯ୍ୟ ମହିଳା କୋର୍ଟ, ସମାପିକା ସମଦର୍ଶିନୀ ଏସ୍‌ଡିଜେଏମ୍ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଶିବିରକୁ ସଫଳ କରିବାରେ ଗ୍ରାମୀଣ ଆଇନ୍ ସଚେତନତା କର୍ମୀ ସୋନାଲିକା ପଟ୍ଟନାୟକ, ପ୍ରମୋଦ କୁମାର ମହାନ୍ତି ଏବଂ ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ଗଦାଧର ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ରାଜେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।



# କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା

**ଭୁବନେଶ୍ୱର,୨।୨ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଗାଡକଣ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଡକଣ କ୍ଲଷ୍ଟର ବାପୁଜୀ ସରକାରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ଅନ୍ତର୍ଗତ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷିକା ମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ, ୯ ନମ୍ବର ୱାର୍ଡର କର୍ପୋରେଟର ସୁଷମା ସାହୁ, ସଭାପତି ରବିନାରାୟଣ ଦାସ ପ୍ରମୁଖ ଯୋଗଦେଇ ନିପୁଣ ଓଡିଶାର ଲକ୍ଷ ଓ ଉଦ୍ଦେଶ୍ୟ, ମୂଲ୍ୟ ବୋଧ ଶିକ୍ଷା, ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିପୁଣ ଓଡିଶାର ଟିଏଲଏମ, ଏଫଏଲଏନ ପ୍ରଦର୍ଶନୀ କରାଯିବା ସହିତ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



# ସାମାଜିକ ସେବା ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର,,୨।୨ (ମହାଭାରତ):** ସାମାଜିକ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ପୂର୍ବବର୍ଷ ଭଳି ଏବର୍ଷ ମଧ ଷଷ୍ଠ ସାମାଜିକ ସେବା ପ୍ରଦାନ ଉତ୍ସବ ଅନୁଷ୍ଠାନର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ସାମାଜିକ ସେବା କ୍ଷେତ୍ରରେ ସମାଜସେବା କରୁଥିବା ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ତାଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଓଡ଼ିଶା ପାଇକ ଆଖଡା ମହାସଂଘର ସଭାପତି ତଥା ଜଣାଶୁଣା ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ ଶ୍ରମିକ ନେତା ମାନସ କୁମାର ଚୌଧୁରୀ, ସମାଜସେବୀ ସେକ୍ ଅବଦୁଲ୍ ସମିମ୍, ଅଭିନେତ୍ରୀ ସୋଫିଆ ଆଲାମ୍, ବିଶିଷ୍ଟ ସ୍ତମ୍ଭକାର ଓ ଲେଖକ ଅମୀୟ ପାଣ୍ଡବ, ସମାଜସେବୀ ଓ ଅଭିନେତା ଚନ୍ଦନ କର, ବିଶିଷ୍ଟ ଅଭିନେତା ଜୀବନ ପଣ୍ଡା, କମଳା ନେହେରୁ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର ମଧୁସ୍ମିତା ଦାସ, ହାସ୍ୟ ଅଭିନେତା ଜ୍ଞାନ ବାରିକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସମ୍ମାନିତ ହୋଇଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଏହି ସାମାଜିକ ସେବା ପ୍ରୟାସକୁ ସାଧୁବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ହର ପ୍ରସାଦ ମହାପାତ୍ର, ପ୍ରତାପ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାନ୍ତି, ପ୍ରଜ୍ଞା ପରମିତା ମହାନ୍ତି, ସାଗର କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସଂଗୀତା ଦାସ, ଡ. ସ୍ମୃତିରଂଜନ ଦାସ, ଅମୀତ କୁମାର ଦାଶ, ସୋନାଲି ପଲାଇ, ସସ୍ମିତା ମଙ୍ଗରାଜ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସାମାଜିକ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ସେହିଭଳି ଯଶୋଦା ମା' ଫାଉଣ୍ଡେସନ୍, ଓମେନ୍ ଇନ୍ ସୋସାଇଟି ହେଲପ୍, ସେଣ୍ଟର ଫର ଭଲ୍ୟୁଣ୍ଟାରୀ ସର୍ଭିସ୍, ମହର୍ଷି ମହିଳା ବିଦ୍ୟାଳୟର ଏନ୍.ଏସ୍.ଏସ୍. ୟୁନିଟ୍, ମାନବତା ହେତୁ ଏକତା ସଂଗଠନ, ଜୀବନସେବା ଫାଉଣ୍ଡେସନ୍, ମିଶନଜ୍ୟୋତି ଟ୍ରଷ୍ଟ, ବିଜୁ ପଟ୍ଟନାୟକ କଲେଜର ଏନ୍.ଏସ୍.ଏସ୍. ୟୁନିଟ୍, ଦି ପାୱାର ଅଫ୍ ହ୍ୟୁମାନିଟି, ସଙ୍ଗିନୀ ଫାଉଣ୍ଡେସନ ପ୍ରମୁଖ ସଂଗଠନଙ୍କୁ ସମ୍ମାନିତ କରାଯାଇଥିଲା ।




# ଭାବ,ଭକ୍ତି,ଶ୍ରଦ୍ଧା, ପ୍ରେମ ଦ୍ୱାରା ମଣିଷ ଦେବତ୍ୱ ଅନୁଭବ କରେ

**ଭୁବନେଶ୍ୱର,୨।୨ (ମହାଭାରତ):** ଭାରତୀୟ ଷ୍ଟେଟବ୍ୟାଙ୍କର ପ୍ରାକ୍ତନ ଅଧିକାରୀ ମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନର ମାସିକ ଆଲୋଚନାରେ ମୁଖ୍ୟଅତିଥି ଓ ବକ୍ତା ଭାବେପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦାନ କରିବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ଯେ,ଭାବ,ଭକ୍ତି ଶ୍ରଦ୍ଧା, ପ୍ରେମ ଦ୍ୱାରା ମଣିଷ ଈଶ୍ୱରଙ୍କ ସ ତ୍ତା ଅନୁଭବ କରିବା ସହ ଦେବ୍ ପ୍ରାପ୍ତ ହୋଇପାରିବ। ପ୍ରତିଯୁଗରେ ଦେବତା ଥିଲେ, ଅଛନ୍ତି, ରହିବେ, ମନୁଷ୍ୟର ବିଶ୍ୱାସ ଦୃଢ ହେବ। ଉପରେ ସେ ଗୁରୁତ୍ୱାରୋପ କରିଥିଲେ,ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଉପଦେଷ୍ଟା ରମାକାନ୍ତ ମିଶ୍ର ନିଜର ବକ୍ତବ୍ୟରେ ଦୃଢତା ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ। ସଂପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଡାକ୍ତରମହାପାତ୍ର ପଦ୍ମଶ୍ରୀ ସମ୍ମାନ ପାଇଁବିବେଚିତ ହୋଇଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ,ଉପଢୌକନ ଆଦି ପ୍ରଦାନ କରାଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁରଲୀଧର ପଲାଇ ଧନ୍ୟବାଦ ପ୍ରଦାନ କରିବା ସହ ପ୍ରଥମେ ସସ୍ତ୍ରୀକ ଶ୍ରୀଜଗନ୍ନାଥସହସ୍ରନାମ ପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାରବରାଳ, ଦେବରାଜ ମିଶ୍ର,ଦୈତାରୀ ସେଠୀ, ପ୍ରବୋଧକୁମାର, ମହାନ୍ତି, ବିଜୟ କୁମାର ଦାଶ ଆଦି ପରିଚାଳନା କରିଥିଲେ,ଏହି ଆଲୋଚନା ଚକ୍ରରେ ବହୁ ବ୍ୟାଙ୍କଅଧିକାରୀ ଉପସ୍ଥିତଥିଲେ।



# ପରିପକ୍ୱ ଗଣତନ୍ତ୍ର

ବିଶ୍ୱର ବୃହ□ମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛି । ଏହା ଏକ ମହତ୍ୱପୂର୍ଣ୍ଣ ମାଇଲିଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୯୪୭ରେ ଭାରତ ଯେତେବେଳେ ସ୍ୱାଧୀନତା ପାଇଲା ସେତେବେଳେ ଅନେକ ଆଶା କରିନଥିଲେ ଯେ, ଭାରତରେ ଗଣତନ୍ତ୍ର ସଫଳ ହେବ ବୋଲି । କାରଣ ଭାରତୀୟ ମାନେ ଗଣତାନ୍ତ୍ରିକ ଚିନ୍ତାଧାରା ସହ ପରିଚିତ ବା ପରିପକ୍ୱ ନଥିଲେ । ସ୍ୱାଧୀନତା ବେଳେ ଅଧିକାଂଶ ଭାରତୀୟ ଥିଲେ ଅଶିକ୍ଷିତ ଏବଂ ଗରିବ । ସବୁଠାରୁ ବଡ଼ କଥା ହେଲା ଭାରତରେ ବହୁ ଧର୍ମ, ଜାତି, ବର୍ଣ୍ଣ ଏବଂ ଭାଷାଭାଷି ଲୋକ ଏକାଠି ବାସ କରନ୍ତି । ସେମାନଙ୍କ ମଧ୍ୟରେ ଅନେକ କ୍ଷେତ୍ରରେ ମତପାର୍ଥକ୍ୟ ରହିଛି । ବିବିଧତା ମଧ୍ୟରେ ଏକତା କେତେଦିନ ସମ୍ଭବ ବୋଲି ଅନେକ ପ୍ରଶ୍ନ କରିଥିଲେ । ତେଣୁ ଭାରତରେ ଗଣତନ୍ତ୍ର ଅଧିକ ଦିନ ତିଷ୍ଠି ରହିବ ନାହିଁ ଏବଂ ଦେଶ ଖଣ୍ଡ ଖଣ୍ଡ ହୋଇଯିବ ବୋଲି ଅନେକ ଭାବିଥିଲେ । କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ ହେବାର ସାତ ଦଶନ୍ଧି ପରେ ଏ ସମସ୍ତ ଧାରଣା ଭୁଲ ପ୍ରମାଣିତ ହୋଇଛି । ଭାରତର ବିଶ୍ୱର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଏବେ ବିବେଚିତ ହେଉଛି । ଭାରତ ସହିତ ଏକା ସମୟରେ ଅନେକ ଦେଶ ବ୍ରିଟିଶ ଉପନିବେଶବାଦରୁ ମୁକ୍ତ ହୋଇ ସ୍ୱାଧୀନ ରାଷ୍ଟ୍ର ଭାବେ ଜନ୍ମ ନେଇଥିଲେ । ସେ ସବୁ ଦେଶ ନିଜକୁ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଘୋଷଣା କରିଥିଲେ । କିନ୍ତୁ ଗତ ସାତ ଦଶନ୍ଧି ମଧ୍ୟରେ ସେସବୁ ଦେଶରେ ଗଣତନ୍ତ୍ର କେତେ ସୁଦୃଢ଼ ହୋଇଛି, ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସେ ସବୁ ଦେଶ କେତେ ବିକଶିତ ହୋଇଛନ୍ତି ତାହା ସମସ୍ତେ ଜାଣନ୍ତି । କିନ୍ତୁ ସମୟର କଷଟି ପଥରରେ ଭାରତୀୟ ଗଣତନ୍ତ୍ର ବାରମ୍ବାର ପରୀକ୍ଷିତ ହୋଇ ସଫଳତାର ସହ ଉ□ୀର୍ଣ୍ଣ ହୋଇଛି । ସତୁରୀ ଦଶକରେ ଥରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି କ୍ଷମତା ପାଇଁ ଗଣତନ୍ତ୍ରକୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏହାର ପ୍ରତିଫଳ ସେତେବେଳେ କଂଗ୍ରେସକୁ ଭୋଗିବାକୁ ପଡ଼ିଲା । ପ୍ରବଳ ପ୍ରତାପୀ ଶାସକଙ୍କୁ ଲୋକେ ନିର୍ବାଚନରେ ପରାଜିତ କରି କ୍ଷମତାଚ୍ୟୁତ କରିଦେଲେ । ଏହା ଥିଲା ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ପରୀକ୍ଷଣ । ବିଗତ ୭୨ ବର୍ଷ ଭିତରେ ଭାରତ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି । କିନ୍ତୁ ସଂସଦୀୟ ଗଣତନ୍ତ୍ର ଉପରେ ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଅତୁଟ ରହିଛି । ଏହାକୁ ଆଧାର କରି ଭାରତ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତ ଓ ସମର୍ଥ ହୋଇପାରିଛି । ଭାରତ ଆଜି ବିଶ୍ୱର ପଞ୍ଚମ ବୃହ□ମ ଅର୍ଥନୈତିକ ଶକ୍ତି ଭାବେ ପରିଗଣିତ ହେଉଛି । ଏହା ସମ୍ଭବ ହୋଇଛି କେବଳ ସୁଦୃଢ଼ ଗଣତନ୍ତ୍ର ପାଇଁ । ଶିଳ୍ପ, କୃଷି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାରେ ଭାରତ ଅସାଧାରଣ ସଫଳତା ହାସଲ କରିଛି । ଭି□ିଭୂମିର ବିକାଶ ଆକାଶଛୁଆଁ ହୋଇପାରିଛି । ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଜି ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ । ବିଶ୍ୱର ଶ୍ରେଷ୍ଠ ୫ଟି ଶକ୍ତିଶାଳୀ ରାଷ୍ଟ୍ର ତାଲିକାରେ ଭାରତ ସାମିଲ ହୋଇଛି । ପଡ଼ୋଶୀ ଚୀନ ଏଥିପାଇଁ ଭାରତକୁ ନାଲି ଆଖି ଦେଖାଇବାକୁ ଡରୁଛି । ଜାତିସଂଘ ନିରାପ□ା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତା ସପକ୍ଷରେ ବିଶ୍ୱବ୍ୟାପୀ ଜନମତ ସୃଷ୍ଟି ହୋଇଛି । ବିଗତ ସତୁରୀ ବର୍ଷ ଭିତରେ ଭାରତରେ ଅନେକ ଥର ଗଣତନ୍ତ୍ର ପ୍ରତି ଚାଲେଞ୍ଜ ସୃଷ୍ଟି ହୋଇଛି । କିନ୍ତୁ ସବୁ ଥର ଭାରତ ଏହି ଅଗ୍ନିପରୀକ୍ଷାରୁ ସଫଳତାର ସହ ଉ□ୀର୍ଣ୍ଣ ହୋଇଛି । ଗତ ସାତ ଦଶନ୍ଧି ଭିତରେ ଭାରତରେ ଅନେକ ଥର ନିର୍ବାଚନ ହୋଇଛି । କେନ୍ଦ୍ରରେ ବାରମ୍ବାର ସରକାର ପରିବ□ନ ହୋଇଛି । ସୁଶାସନ, ସ୍ଥାୟୀତ୍ୱ ଏବଂ ବିକାଶ ସପକ୍ଷରେ ସ୍ପଷ୍ଟ ଜନମତ ପ୍ରକାଶ ପାଇଛି । ଦୁର୍ନୀତି, ଭ୍ରଷ୍ଟାଚାର, ଏକଛତ୍ରବାଦ ବିରୋଧରେ ଜନମତ ପ୍ରକାଶ ପାଇଛି ଏବଂ ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ନିର୍ବାଚନରେ ପରାସ୍ତ ହୋଇଛନ୍ତି ।

# ଦିବ୍ୟମାତା ଷୋଡ଼ଶୀବାଳା ଦେବୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


“ ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ ‘ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?’ ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ ।


ଜାଣେନା, ପାରେନା, ନାହିଁ ତ ଘରେ, ଏ ତିନି କଥାକୁ ଦେବତା ଡରେ’ । ଏହି ତିନୋଟି କଥା କେବେ ବି କେହି ଶୁଣିବାକୁ ପାଇନାହାଁନ୍ତି ଚକ୍ରବର୍ତ୍ତୀ ପରିବାରର କୂଳବଧୂ ଷୋଡ଼ଶୀବାଳାଙ୍କ ନିକଟରୁ । ଶ୍ୱଶୁର, ଶାଶୁ କିମ୍ବା ସ୍ୱାମୀ ଯେତେବେଳେ ଯେଉଁ କାମ କଥା କୁହନ୍ତି, ବିନା ଦ୍ୱିଧାରେ ବିନା ଆପତ୍ତିରେ ଆଗେଇ ଯାଆନ୍ତି ‘ହଁ ପାରିବି’ କହି ପରମ ଆନନ୍ଦରେ । ସେଥିପାଇଁ ଘରର ସମସ୍ତ କାର୍ଯ୍ୟ ବଧୂ ଉପରେ ଛାଡ଼ି ଦେଇ ବାହାର କାମରେ ଚାଲିଯାଆନ୍ତି ଶାଶୁ ମନମୋହିନୀ ଦେବୀ । କିନ୍ତୁ ଫେରିବାପରେ ଶାଶୁ ଦେବୀ ଦେଖନ୍ତି ସମସ୍ତ କାର୍ଯ୍ୟରେ କିଛି ନା କିଛି ଭୁଲ ତ୍ରୁଟି ରହିଯାଇଥାଏ । ଅଳ୍ପ ବୟସର ବଧୂଟି ବୋଲି ବିରକ୍ତି ପ୍ରକାଶ ନକରି ବରଂ ବୁଝିଯାନ୍ତି ଶାଶୁଦେବୀ ।

ସ୍ୱାମୀଙ୍କ ଜୀବନାଦର୍ଶକୁ ଉପଲବ୍ଧି କରି ନିଜକୁ ସମର୍ପି ଦିଅନ୍ତି ସେହି ଆଦର୍ଶରେ । ସ୍ୱାମୀଙ୍କୁ ଚିରଦିନ ଦେବତାଙ୍କ ଆସନରେ, ଈଶ୍ୱରଙ୍କ ଆସନରେ ବସାଇ ପୂଜା କରିଛନ୍ତି ହୃଦୟ ସିଂହାସନରେ । ଆଉ, ଜଣେ ଆଦର୍ଶ ନାରୀ ହୋଇ ପ୍ରତ୍ୟେକଟି କର୍ମ ନିଖୁଣ ଭାବେ ସଂପାଦନ କରି ଦେଖାଇ ଦେଇଛନ୍ତି ବିଶ୍ୱଜଗତକୁ । ଦିନକର ଘଟଣା ସ୍ୱାମୀ ଡାକ୍ତରୀ ଚିକିତ୍ସା କରି ଫେରିଲେ ଘରକୁ । ବ୍ୟସ୍ତ ବିବ୍ରତ ହୋଇ କହିଲେ ‘ବଡ଼ବୌ (ବଡ଼ବୋହୂ) ତୁମ କାନର ମାଙ୍କେଡ଼ି ଦୁଇଟି ଦେବ ?’ ଜଣଙ୍କର ପୁଅ ଖୁବ୍ ଅସୁସ୍ଥ । ଔଷଧ କିଣିବା ପାଇଁ ପଇସା ନାହିଁ । କାଳବିଳମ୍ବ ନକରି ସେହିକ୍ଷଣି ହିଁ ମାଙ୍କେଡ଼ି (କାନଫୁଲ) ଦୁଇଟି ଖୋଲି ସ୍ୱାମୀଙ୍କ ଶ୍ରୀହସ୍ତରେ ଦେଇଦେଲେ ସହଧର୍ମିଣୀ । ନେଇ ଚାଲିଗଲେ ମଧ୍ୟ ସ୍ୱାମୀ ଦେବତା । କିନ୍ତୁ ବୋହୂର କାନରେ ମାଙ୍କେଡ଼ି ପଚାରିଲେ ଶାଶୁଦେବୀ – ‘ବୋହୂମା’ କାନର ମାଙ୍କେଡ଼ି କ’ଣ ହେଲା ?’ କିଛି ଉତ୍ତର ନଦେଇ ଛିଡ଼ା ହୋଇ ରହିଲେ କୂଳବଧୂ । ଉତ୍ତର ନପାଇ ଏବେ ଟିକେ କଡ଼ା ଗଳାରେ କହିଲେ ଶାଶୁଦେବୀ – ‘ହୁଏତ ହଜେଇ ଦେଇଛ, ନ ହେଲେ ବାପଘରେ ରଖି ଆସିଛ । ଆଉ କ’ଣ ହେବ ?’ ତଥାପି ବଧୂଟି ନିରୁତ୍ତର । ପ୍ରାୟ ମାସକ ପରେ ଦିନେ ଦ୍ୱିପ୍ରହରର ପୂର୍ବ ସମୟରେ, ଶାଶୁଦେବୀ ବାରଣ୍ଡାରେ ବସିଥିବା ଅବସ୍ଥାରେ ଜଣେ ବ୍ୟକ୍ତି ଆସି କହିଲା, – ‘ଏଇ ନିଅନ୍ତୁ ମା’ ମାଙ୍କେଡି ଦୁଇଟା । ଆପଣମାନେ ଗରିବଙ୍କର ମା’ବାପା । ଏଇ ସୁନା ଟିକକ ଆପଣ ନଦେଇଥିଲେ ମୋ ପୁଅକୁ ବଞ୍ଚାଇ ପାରିନଥାନ୍ତି । ଏହି ସୁନାକୁ ବନ୍ଧା ପକାଇ ପୁଅର ଔଷଧ ଆଣିଥିଲି । ମାସକ ପରେ ଆଜି ମୁକୁଳାଇ ଆଣିପାରିଛି ।’ କୃତଜ୍ଞତାରେ ମାଟିରେ ମଥାନତ କରି ଆଖିରୁ ଲୁହ ପୋଛି ପୋଛି ଚାଲିଗଲା ଲୋକଟି । ଏଥର ଶାଶୁଦେବୀଙ୍କର ବୁଝିବାରେ ଆଉ କିଛି ବି ବାକି ରହିଲାନି । ବୋହୂଟି ଘର ଭିତରେ ଥାଇ ସବୁ ଶୁଣି ମଧ୍ୟ ପଦେ ବି କଥା କହିଲେ ନାହିଁ । ଏହିପରି ବହୁ ଘଟଣା ଘଟିଯାଇଛି ଏଇ ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ ଷୋଡ଼ଶୀବାଳା ଦେବୀଙ୍କର ବାସ୍ତବ ଜୀବନରେ । ଧୈର୍ଯ୍ୟ ଓ ସହିଷ୍ଣୁତାର ପ୍ରତିମୂର୍ତ୍ତି ଥିଲେ ଏହି ଦେବୀ ଜଣକ । ଯେଉଁଥିପାଇଁ ସାରା ବିଶ୍ୱରେ ଆଜି ସୃଷ୍ଟି ହୋଇଛି ତାଙ୍କର ସ୍ୱତନ୍ତ୍ର ପରିଚୟ ବିଶ୍ୱ ଜନନୀ ଶ୍ରୀ ଶ୍ରୀ ଲକ୍ଷ୍ମୀମା’ ନାମରେ ସ୍ୱାମୀଙ୍କର ଇଚ୍ଛା ପରିପୂରଣ ପାଇଁ ସେ ସମସ୍ତ କିଛି ହିଁ କରିପାରନ୍ତି । ସେଥିପାଇଁ ଅନ୍ତିମ ସମୟରେ ସ୍ୱାମୀ ଦେବତା ବିଶ୍ୱପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖରୁ ସେଦିନ ସ୍ପଷ୍ଟ ଉଚାରିତ ହୋଇଥିଲା – ‘ତୁମେ କେବଳ ବଡ଼ଖୋକା (ବଡ଼ପୁଅ)ର ମା’ ନୁହଁ, ତୁମେ ସାରା ଜଗତର ମା’, ତୁମେ ବିଶ୍ୱ ଜନନୀ ।’ ଏହି ମହିୟସୀ କୂଳବଧୂ ଆଉ କେହି ନୁହନ୍ତି । ଏ ହେଉଛନ୍ତି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଲୀଳା ସଙ୍ଗିନୀ ପରମା ପ୍ରକୃତି ପରମ ଆରାଧ୍ୟା ଶ୍ରୀ ଶ୍ରୀ ଲକ୍ଷ୍ମୀମା’ । ଆଜକୁ ବର୍ଷ ପୂର୍ବେ ୧୩୦୧ ସାଲ, ଶ୍ରାବଣ-୧୪ ଦିନ ଶ୍ରାବଣ କୃଷ୍ଣ ଦ୍ୱାଦଶୀ ତିଥିରେ ପୂର୍ବ ବଙ୍ଗଳା ଅନ୍ତର୍ଗତ ପାବନା ଜିଲ୍ଲା ଧୋପାଦହ ଗ୍ରାମ ନିବାସୀ ଶ୍ରୀଯୁକ୍ତ ରାମଗୋପାଳ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀମତୀ ତ୍ରିନୟନୀ ଦେବୀଙ୍କର କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ଧରାପୃଷ୍ଠରେ । ଆଜି ତାଙ୍କରି ପବିତ୍ର ଜନ୍ମ ଦିବସରେ ସମସ୍ତ ନାରୀ ଜଗତ ତାଙ୍କରି ପଥର ପଥିକ ହୋଇ, ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ହୋଇଉଠନ୍ତୁ ସୁଗୃହିଣୀ, ସ୍ୱାମୀ ମନବୃତ୍ତ୍ୟାନୁସାରିଣୀ, ଆଦର୍ଶନାରୀ ତଥା ଦେବ ସନ୍ତାନର ଜନନୀ । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଳ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ – ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା । ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ । ପୁଣି ସେହି ସାବଧାନ ବାଣୀ – ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ – କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା । ଆଉ ମା’ କେବଳ ମା’ – କାମିନୀ ନୁହେଁ । ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ । ସାବଧାନ ! ମା’କୁ ମାଗୀ ଭାବି ମରନାହିଁ । ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି । ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ ।

ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଛା ନହୁଏ । ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ । ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ । ପୁଣି ସେହି ସତର୍କ ବାଣୀ – ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ – ପ୍ରସାଦରୁ ବଞ୍ଚିତ ହୁଅନାହିଁ । ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ । ଆଉ ଗୋପନ କରିବାକୁ ଇଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ । ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ । ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ । ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ । ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ ।


ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ‘କୋଟା’ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

॥ ଡାକ୍ତର ସମ୍ରାଟ କର ॥

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି । ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ ।’ – ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ । ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ । ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି । ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା । ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ । ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା । ଅନେକ କ୍ୟାଣ୍ଟିନ ବି ଖୋଲିଲା । ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ । ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ । ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ । ମୃତ ଶୈଶବ ଉପରେ ଠିଆ ହୋଇଛି ସହର । ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ । କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ । ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି । ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ । କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ । ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି । ତାହା ହଷ୍ଟେଲ କର୍ମଚାରୀ କରନ୍ତି । କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି । ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ । ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି । କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି ।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ । ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ । ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ । ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି । ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି । ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ । ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ । ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି । ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି । ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ । ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି । କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା । ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ । କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ । ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।


ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


# ଘର ଭିତରେ ଠାକୁରଙ୍କ ଫଟୋ

॥ ଅଜୟ କୁମାର ବେହେରା ॥

ଏବେ ଘର କାହାର ? ଠାକୁର ପ୍ରଚାର କରି ତାଙ୍କ ଛବି ଘରେ ରଖିବାକୁ କାହାକୁ ପ୍ରଭାବିତ କରିନାହାଁନ୍ତି । ଲୋକେ କେହି ଭାବରେ, କେହି ଭକ୍ତିରେ, କେହି ପରଲୋକକୁ ଅନୁକରଣ କରି ଠାକୁରଙ୍କ ଛବି ଫଟୋ ଘରେ ପୂଜା ପାଇଁ ସନ୍ତୋଷ ପାଇଁ ଲଗାଉଛନ୍ତି । ଘରଟା ସ୍ୱର୍ଗର ଟୁକୁଡା ହୋଇପାରେ ଯେଉଁଠି ଦିଅଁଙ୍କର ଫଟୋ ନୁହେଁ ଆଦର୍ଶ ପାଳନ ହେଉଛି ଏହାକୁ କେହି ବୁଝନ୍ତିନାହିଁ । ଓଡ଼ିଶାରେ ଏକ ପୂଜା ଗୃହାରମ୍ଭ ଗୃହ ପ୍ରତିଷ୍ଠାରେ ଘଟ ତ ବସାଯାଏ ହେଲେ ଏକ ଫଟୋ ଠାକୁରଙ୍କ ପୁରୋହିତ ରଖି ପୂଜା କରନ୍ତି । ପୂଜା ଶେଷରେ ଲୋକେ ତାକୁ ଘରେ ରଖି ଠାକୁରଙ୍କୁ ପୂଜା କରନ୍ତି । ଧୂପକାଠି, ଦୀପ ଆଦି ଦେଇ ପୂଜା କରି ଚାଲନ୍ତି । ଏଇଟା ପ୍ରତି ଘରର ଏକ ହିନ୍ଦୁ ପରମ୍ପରା ଲୋକେ ଘରେ ରହିଲେ ବି ଏକ ବୃନ୍ଦାବତୀ ଚୌରା ପଦା ରହିଛି । ମୁଖ୍ୟ ଦରଜାର କବାଟ ହେଉ ବା ଦ୍ୱାର ବନ୍ଧ ଉପର ହେଉ କିଏ ହନୁମାନ କିଏ ଗଣେଶ କିଏ ବା ନାମ କିଏବା ଗାୟତ୍ରୀ ଛବି ଲଗାଇଛନ୍ତି । ସତେ ଯେମିତି ବ୍ୟକ୍ତିଙ୍କର ଘର ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସ ଏହାର ଦ୍ୱାର ଗଣେଶ ଜଗିବେ ‘ରାମଦ୍ୱାଆରେ ତୁମ ରଖବାରେ’ ହନୁମାନ ରାମଦ୍ୱାର୍ ଜଗନ୍ତି । ମାତ୍ର ରାମଙ୍କ ଆଦର୍ଶ ସେ ଗୃହରେ କାଣିଚାଏ ଅନୁଭବ ନାହିଁ ହେଲେ ଘର ଦ୍ୱାର ଦେଶରେ ହନୁମାନ ଫଟୋ ଲାଗିଛି । ଜଣଙ୍କ ମେନ ଗେଟରେ ତ୍ରିଶୂଳ ଲୁହାର ଗେଟରେ ମିସ୍ତ୍ରୀ କରି ଲଗାଇବା ବ୍ୟବସ୍ଥା କରିଛନ୍ତି ଲୋକ ଘର ମଧ୍ୟରେ ଶିବବସ କୈଳାସ ବା ଶଶି ବା ଏକମ୍ରକାନନ ପରି ପବିତ୍ର କ୍ଷେତ୍ର ହେବା କଥା । ଶିବ ଔଜର ଦାନୀ ସେ ଘରେ ଦାନ କଣ ହୁଏ କେହି ଦେଖିନାହିଁ । କ ଲୋକରେ ପ୍ରଚାର ନାହିଁ । ହେଲେ ତ୍ରିଶୂଳ ଘର ଦ୍ୱାର ଜଗୁଆଳୀ । ଶିବଙ୍କ ଶ୍ମଶାନ ବାସ ଏକ ଭିନ୍ନବାସ ଘରଟି ଶ୍ମଶାନ ଯେ ନୁହଁ ଏକଥା ତାର ସାଜ ସଜାରୁ ବେଶ ଜଣାପଡୁଛି ।

ଗଙ୍ଗାମାଙ୍କ ଜଳକୁ ହିନ୍ଦୁଧର୍ମରେ ପବିତ୍ର ମନେ କରାଯାଉଛି । ଅନେକ ସ୍ତ୍ରୀ ଲୋକ ମାନସିକ ଶୁଦ୍ଧ ସ୍ନାନ ବେଳେ ଗଙ୍ଗାପାଣି ଛିଞ୍ଚି ହୋଇବା ସ୍ଥଳରେ ସଂଯୋଗ କରି ଶୁଦ୍ଧ ହେବା ମନେ କରନ୍ତି । ଏପାଇଁ ଗଙ୍ଗା ପାଣି ପ୍ରୟାଗରାଜ ହରିଦ୍ୱାର, ଗଙ୍ଗୋତ୍ରୀ ପରି ସ୍ଥାନରୁ କେହି ଆଣିଥିଲେ ଲୋକ ତାଙ୍କ ପାଖରୁ ମାଗି ଆଣୁଥିଲେ । ଏ ସମୟରେ ଭାରତୀୟ ଡାକ ବିଭାଗ ତରଫରୁ ବଡ଼ ବଡ଼ ପୋଷ୍ଟ ଅଫିସରେ ଏଗଙ୍ଗ ଜଳ ମିଳୁଛି । ଗଙ୍ଗା ପାଣି ପବିତ୍ର ମନେ କରିବା କେହି ମନା କରୁନାହିଁ । ପବିତ୍ର ସମ୍ବନ୍ଧରେ କଣ କେହି ପବିତ୍ର ରହିବା ଚେଷ୍ଟା କରୁଛନ୍ତି କି ? ଗଙ୍ଗାଧାରଣ ଶିବ କରିଛନ୍ତି ବୋଲି ସେ ହରାହର ମହାଦେବ ଦେବତାଙ୍କ ଦେବତା, ଅଥଚ ଗଙ୍ଗା ସମ୍ବନ୍ଧରେ କେହି ସତ୍ୟମ ଶିବମ୍ ସୁନ୍ଦରମ୍ ହେବା ଚେଷ୍ଟାରେ ନାହାଁନ୍ତି । କିପରି ଗଙ୍ଗା ପାଣି ଘରେ କେବଳ ରଖିଲେ ଗଙ୍ଗାତତ୍ତ୍ୱ ସରଳରେ ହାସଲ ହୋଇ ଘର ଗଙ୍ଗାପାଣି ପରି ପବିତ୍ର ଶୁଦ୍ଧ ହେବ ଗଙ୍ଗା ଧାରଣକରି ଘର ଶିବ ହୋଇଯିବ ।

ପ୍ରତିଘରେ ହତିଆର ଅଛି କିଛି ନଥିଲେ କଟୁରୀ, ଛୁରୀ, ପନିକି, ଠେଙ୍ଗା ନିଶ୍ଚେ ଥିବ । ପ୍ରାଚୀନ କ୍ଷତ୍ରୀୟଙ୍କ ଘରେ ଖଣ୍ଡା ଥିବ । ଆମ ରାଜ୍ୟରେ ବଳରାମଙ୍କ ଆୟୁଧ ହଳ ଏ ହଲ ଲଙ୍ଗ ଥିବ । ଏସବୁ ଆୟୁଧ ବଢ଼େଇ ମିସ୍ତ୍ରୀଙ୍କ ଘରେ କରତ ବଟାଳି, ନିହାଣ, ବାରିଶି ବି ଆୟୁଧ କମାରଙ୍କ ଘରେ ଆରି, ଛେଣି, କଟର ବି ହତିଆର ଏସବୁ ସହିତ ଅତି ଧାରୁଆ କ୍ଷୁର ଓ କତୁରୀ ବାରିକଙ୍କର ଆୟୁଧ ଏସବୁ ଗୃହରେ ଆୟୁଧ ପୂଜା ସଜା ବସାକୁ ପୂଜା ହେଲେ କେହି ନିଜ ଗୃହରେ ପ୍ରତିବେଶୀରେ ଶତୃ ଭାବି ହଠାତ ପ୍ରୟୋଗ ଏସବୁ କଲେ କଣ ତ୍ରାହି ଅଛି କି ? ବୃଥା ରକ୍ତପାତ କରିବାକୁ ଏସବୁ ତୟାର ନୁହଁ ଏଥିରୁ ଜୀବନ ଜୀବିକା ଚଳାଇବାକୁ ଏହାକୁ ଈଶ୍ୱରଦତ୍ତ ପଦାର୍ଥ ବୁଝିବା ଦରକାର । ଏସବୁ ଘର ଭିତରେ ବ୍ୟବସ୍ଥା, ଘର ବାହାରପଟ କାନ୍ଥ, ପାଚେରୀ ଏଥିରେ ପ୍ରତି ପାଞ୍ଚ ବର୍ଷରେ ସ୍ଥାନୀୟ ନେତାଙ୍କର ଛବି ଲଗା ଯାଉଛି । ନାମାବଳୀର ପରି ହ୍ୟାଣ୍ଡବିଲ, ଲଗାଯାଉଛି, କେହି କାନ୍ଥ ଅସୁନ୍ଦର ନକରିବା ପାଇଁ ମନା (ହ୍ୟାଣ୍ଡ ବିଲ) ଲଗାଇବା ମନାର ନିର୍ଦ୍ଦେଶ ଛାପିଛନ୍ତି । ଏହା ବି ବେଳେ ବେଳେ ଅମାନ୍ୟ ହୋଇଯାଏ । ବଡ଼ ବଡ଼ ନେତାଙ୍କ ବ୍ୟାନର ବଡ଼ ରାସ୍ତା କଡ଼ ଗଛ ପାଚେରୀ କାନ୍ଥରେ ଲଗାଯାଇଥାଏ । ଖୁବ ସୁଦୃଶ୍ୟ ଏହାକୁ ବିଚାରକୁ ନେଲେ କେତେ ଅର୍ଥ ଏ ପାଇଁ ନଲାଗୁଛି, ଫଟୋ ଟି ଯେ ଚୀରନ୍ତନ ନୁହଁ କେବେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ବୋଧ ଶକ୍ତି ହୁଏତ ନାହିଁ । ବାଜପେୟୀ ପ୍ରଧାନମନ୍ତ୍ରୀ ବେଳେ ତାଙ୍କର ଛବ ରାସ୍ତାରେ ପ୍ରଧାନ ସଡ଼କ ଯୋଜନାରେ ବହୁ ସ୍ଥାନରେ ବ୍ୟାନରରେ ଲଗାଯାଇଥିଲା ପରେ ଭେଟ ବେଳେ ତାକୁ କଢ଼ାଗଲା ବା ଢ଼ାଙ୍କି ଦିଆଗଲା ଏସବୁ ବ୍ୟକ୍ତିଙ୍କୁ କ୍ଷଣିକ ସୁଖ ଦେଲା ସିନା ପୂର୍ଣ୍ଣ ସୁଖର ଅବକାଶ ଦେଲା ନାହିଁ । ହେଲେ ତାଙ୍କର କୀର୍ତ୍ତି ତାଙ୍କର ଶାସନ କାଳ କଳାପରେ ରହିଗଲା ଏମିତି ପ୍ରତି ପେଟ୍ରୋଲ ପମ୍ପରେ ତୈଳ ବିଭାଗ ମନ୍ତ୍ରୀଙ୍କର ଛବି ଛପାଯାଇ ଲଗାଯାଇଥିଲା ଏବେ ସେ ଅଛନ୍ତି ମାତ୍ର ସେ ପଦରେ ନାହାଁନ୍ତି ବୋଲି ଛବି ସବୁ ଲୁପ୍ତ । ଏମିତି ଅନେକ ଉଦାହରଣ ଏହାପରେ ବ୍ରିଟିଶ ବେଳର ମୂଲ୍ୟବାନ ବ୍ୟକ୍ତିଙ୍କର ପ୍ରସ୍ତର ଧାତୁମୂର୍ତ୍ତି ନାମରେ ତାଙ୍କର ନାମ ଦରଜ ଥିଲା, କେତେ ସ୍ଥାନର ବହୁ ବର୍ଷ ପରେ ସେ ମୂର୍ତ୍ତି ସବୁ କଢ଼ାଯାଇ ଭାରତର ସ୍ମରଣୀୟ ନେତାଙ୍କର ମୂର୍ତ୍ତି ଲଗାଗଲା । ଯେଉଁ ଦଳ ପ୍ରଶାସନ କ୍ଷମତାରେ ତାଙ୍କର ଆଦର୍ଶ ନେତାଙ୍କ ମୂର୍ତ୍ତିକୁ ସର୍ବମାନ୍ୟ ପାଇଁ ବହୁ ସ୍ଥାନରେ ଲଗାଯାଉଛି । ପରବର୍ତ୍ତୀ ଅନ୍ୟ ଦଳର ଏ ସହ୍ୟ ଯେ ହେବ ଏପରି ସମ୍ଭବନା ସ୍ଥାୟୀ ନୁହେଁ । ଏ ଦିନେ ଉଠିପାରେ । ଗାନ୍ଧୀ ଜାତୀୟ ପିତା ସ୍ୱୀକାର କରାଯାଇଛି । ତାଙ୍କ ନାମରେ ବଡ଼ ବଡ଼ କାଗଜ ନୋଟ ହେଲେ ତାକୁ ବିଲୁପ୍ତ ଅପଚେଷ୍ଟା ଚାଲିଲାଣି । ନୋଟ ଟି କିଛି ସ୍ମରଣ କରାଉଥିଲା ସମ୍ମାନ ଦେଉଥିଲା, ଏବେ ମଦ ରନ୍ଧ କରିଥିବା ଗାନ୍ଧୀଙ୍କ ଛପା ନୋଟ ଦେଇ ଲୋକ ମଦ କ୍ରୟ କରୁଛନ୍ତି । ଏ ଗାନ୍ଧୀଙ୍କୁ ଅପମାନ ନୁହେଁ କି ?

ସାର୍ବଜନୀନ କୂପ, ନାଳ, ପୁଷ୍କରିଣୀ, ନଦୀର ଜଳ ଦେବପୂଜାରେ ଘଟ ସ୍ଥାପନ ପାଇଁ ଘଟ ବୁଡ଼ା, ଦେବତା ଶିବଙ୍କ ଉପରେ ଜଳ ଢ଼ାଳିବା କିଛି ପବିତ୍ର କାର୍ଯ୍ୟରେ ଲାଗୁଥିଲା ଏବେ ସହର ଗ୍ରାମର ମଇଳା ପାଣି ଏସବୁ ମିଶ୍ରଣ ଯୋଗୁ ଏ ଜଳକୁ ଲୋକେ ଆଉ ପେୟ କରୁନାହାଁନ୍ତି । ଯୋଗ୍ୟ ଭାବୁ ନାହାଁନ୍ତି । ପାଦୁକ କରିବାକୁ ଚାହୁଁନାହାଁନ୍ତି । ପିଇବା ପାଣି ବୋତଲର ବ୍ୟବହାର କଲେଣି । ତେବେ ଦେବତା ପୂଜା ସେହ ବୋତଲର ପାଣିରେ ଏ ସମୟରୁ ଆରମ୍ଭ କରାଯିବ କି ? ସହରର ଅସନା ପରିତ୍ୟକ୍ତ ଜଳକୁ ରିସାଇକେଲିଂ କରି ପେୟ ଉପଯୁକ୍ତ କରି ସହରକୁ ଯୋଗାଯିବା ଯୋଜନା ହେଉଛି । ଏହା ଲୋକଙ୍କ ଚଳନୀରେ କେମିତି ଆସିବ ଏହା ଦେଖିବାକୁ ବାକି ରହିଲା । ଘୁଷୁରୀ ମଳ ଖାଏ ବୋଲି ଅନେକ ଧର୍ମରେ ଏହାର ମାଂସ ଅଖାଦ୍ୟ ଧରାଯାଇଛି । ହେଲେ ମଳମୂତ୍ର ସଂଶ୍ଲିଷ୍ଟ ଜଳକୁ ପୁନଃ ପେୟ ଦରକାରୀ ଜଳ କରାଗଲେ ଲୋକଙ୍କୁ କେମିତି ଲାଗିବ । ଏ ଧର୍ମର ଚଳନୀ କି ନାହିଁ ବିଚାର୍ଯ୍ୟ ।


ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସର୍ବ ଭାରତୀୟ ଫୁଟ ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

କେସିଙ୍ଗା,(ମହାଭାରତ)କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେ ୩୦ ବର୍ଷ ପରେ ଅନୁଷ୍ଠିତ ହେଉଥିବା ବହୁ ପ୍ରତିକ୍ଷିତ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଇତି ମଧ୍ୟରେ ଉଦ୍ଘାଟିତ ହୋଇଯାଇଛି। ଶେଷ ଥର ୧୯୯୪ ମସିହାରେ କେସିଙ୍ଗା ଠାରେ ଶେଷ ଥର ପାଇଁ ସର୍ବ ଭାରତୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଆୟୋଜକ ଙ୍କ ଠାରୁ ପ୍ରକାଶ। ଉଦ୍ଘାଟନୀ ମ୍ୟାଚରେ ଫୁଲବାଣୀ ସ୍ପୋର୍ଟସ ହଷ୍ଟେଲ କୁ ପେନାଲ୍ଟୀ ସୁଟ ରେ ୪ - ୧ ଗୋଲ ରେ ହରାଇ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ସେମି ଫାଇନାଲ ରେ ପ୍ରବେଶ କରିଛି। କେସିଙ୍ଗା ଏଥେଲେଟିକ ଏଣ୍ଡ କଲଚରାଲ ଆସୋସିଏସନର ଆନୁକୁଲ୍ୟରେ କେସିଙ୍ଗା ମିନି ଷ୍ଟାଡିୟମରେ ରେ ଅନୁଷ୍ଠିତ ଉକ୍ତ ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ର ଜେନେରାଲ ସେକ୍ରେଟାରୀ ଜଗମୋହନ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ମୁଖ୍ୟମନ୍ତ୍ରୀ ଙ୍କ ଏଡିସନାଲ ସେକ୍ରେଟାରୀ ଅନୁପମ ସାହା , କେସିଙ୍ଗା ନଗରପାଳ ନୃପ ରାଜ ଯାଦବ ପ୍ରମୁଖ ଯୋଗଦେଇ ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ଅନୁଷ୍ଠାନର ର ସଭାପତି ରମକୁମାର ଜୈନ,ସମ୍ପାଦକ ପୁରନ୍ଦର ଭୋଇ,ଉପସଭାପତି ସରିତା ସିନ୍ଦୂର,କୋଷାଧକ୍ଷ ଧୀରଜ ଅଗ୍ରୱାଲ, ବଳରାମ ସୁନା,ଅଭିମନ୍ୟୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।ଖେଳ ପରିଚାଳନା କରିଥିଲେ ନବୀନ ନାଏକ ଓ ତାଙ୍କୁ ସହଯୋଗ କରିଥିଲେ ବେଶ୍ୱେଶ୍ୱର୍ ପଧାନ,ବୁଲୁ ମାଝୀ ଓ ଲକ୍ଷ୍ମୀ ମାଝୀ।ହଜାର ହଜାର ସଂଖ୍ୟାରେ ଖେଳପ୍ରେମି ଖେଳ ଉପଭୋଗ କରିଥିଲେ।

# ବାଣିପୀଠ ଉଦଳା ରେ ଚାଲିଛି ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା



କପ୍ତିପଦା -(ମହାଭାରତ ): କପ୍ତିପଦା - ଆଜି ଶ୍ରୀ ପଞ୍ଚମୀ ।ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା । ବିଭିନ୍ନ ବିଦ୍ୟାଳୟ ଠାରୁ ଆରମ୍ଭ କରି ଅନୁଷ୍ଠାନ ମାନଙ୍କରେ ପୂଜା ପାଉଛନ୍ତି ମା ବୀଣାପାଣି। ଓଡ଼ିଶାର ଏକ ମାତ୍ର ସରସ୍ୱତୀ ମନ୍ଦିର ଯାହାକି ଉଦଳା ବାଣୀପୀଠ ଭାବେ ବେଶ ପରିଚିତ। ମୟୂରଭଞ୍ଜ ଜିଲ୍ଲା ଉଦଳା ସରସ୍ତୀ ମନ୍ଦିର ରେ ଆରମ୍ଭ ହୋଇଛି ପୂଜା ଅର୍ଚ୍ଚନା। ମନ୍ତ୍ର ପୂଜା ପାଠ ରେ ସୃଷ୍ଟି ହେଉଛି ଭକ୍ତିମୟ ପରିବେଶ।ପ୍ରତେକ ଦିନ ମା ସରସ୍ତୀ ପୂଜା ପାଇଥାନ୍ତି। ତେବେ ଶ୍ରୀପ□ମୀ ଦିନ ନୀତିକାନ୍ତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ସକାଳୁ ସକାଳୁ ବିଭିନ୍ନ ଜାଗାରୁ ଭକ୍ତ ମାନେ ଆସି ମା ଙ୍କ ନିକଟରେ ପୂଜାର୍ଚ୍ଚନା କରୁଛନ୍ତ।କିଏ ମା ଙ୍କ ପାଖରେ ମାନସିକ ରଖୁଛିତ କିଏ ମାନସିକ ପୁରଣ ପରେ ଆଜି ମା ଙ୍କ ପାଖରେ ଭକ୍ତି ର ସହ ପୂଜାର୍ଚ୍ଚନା କରୁଛି । ଭକ୍ତ ଯେଉଁଠି ଭଗବାନ ସେଇଠି ! ଯେତେ ସମୟ ଅତିକ୍ରାନ୍ତ ହେଉଛି ମନ୍ଦିର ରେ ବେଶ ଭିଡ ଦେଖିବାକୁ ମିଳୁଛି ।ଶ୍ରଦ୍ଧାଳୁ ଙ୍କ ଭିଡ କେବଳ ଉଦଳା ନୁହେଁ ସାରା ମୟୁରଭଞ୍ଜ ଜିଲ୍ଲା ସହ ପଡୋଶୀ ଜିଲାରୁ ମଧ ଭକ୍ତ ଆସି ମା ଙ୍କ ପାଖରେ ପୂଜା ପାଇଁ ଆସିଛନ୍ତି ।ମନରେ ଆବେଗ ସତେ ଯେମିତି ଶ୍ରଦ୍ଧାଳୁ ମାନଙ୍କୁ ଏଠାକୁ ଟାଣି ଆଣିଛ। ଆଜି ସକାଳୁ ପ୍ରାତଃ ୪.୩୦ ସମୟ ରେ ମନ୍ଦିର ଦ୍ୱାର ଖୋଲା ହେବା ପରେ ନେତ ବନ୍ଧନ, ସୂର୍ଯ୍ୟ ପୂଜା, ଶ୍ରୀ ପା□ମି ସ୍ୱତନ୍ତ୍ର ପୂଜା, ମଙ୍ଗଳ ଆଳତୀ, ବାଲ୍ୟ ଭୋଗ ପରେ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ହୋଇଥିବା ବେଳେ ନୂତନ ବିଦ୍ୟାର୍ଥୀ ମାନଙ୍କ ର ଖଡି ଛୁଆଁ କରାଯାଇଥିଲା ! ତେବେ ମନ ର ଆବେଗ ଭକ୍ତ ଓ ଭଗବାନଙ୍କ ଙ୍କ ଅପୂର୍ବ ମିଳନ ବେଶ୍ ପରିଲକ୍ଷିତ ହୋଇଥିଲା। ତେବେ ଏହି ସରସ୍ତୀ ପୂଜା ଅବସରେ ରେ ୧୫ ଦିନ ଧରି ଏକ ସରସ୍ତୀ ମେଳା ଅନୁଷ୍ଠିତ ହୋଇଥାଏ।

# କାଙ୍କେରୀଠାରେ ନୂତନ ବ୍ଲକ୍ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର

ଧର୍ମଗଡ଼: ସରକାର ବ୍ଲକ୍ ସମ୍ପ୍ରସାରଣ ନେଇ ସୂଚନା ଦେବା ପରେ ବ୍ଲକ୍ ସ୍ଥାପନ ନେଇ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ଦାବି ଜୋର ଧରିଛି ।ଧର୍ମଗଡ ବ୍ଲକ ଅନ୍ତର୍ଗତ ବଡ଼ ପହିଲପାର ଅଞ୍ଚଳର କେନ୍ଦ୍ର ବିନ୍ଦୁ କାଙ୍କେରୀଠାରେ ନୂତନ ବ୍ଲକ ସ୍ଥାପନ ନେଇ ଗୁରୁବାର ଦିନ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୭ ପଞ୍ଚାୟତବାସୀ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ମାଧମରେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତ। ବିରାଟ ପଟୁଆରରେ ଏକ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥିଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।ବିଗତ ସରକାର ଥିଲା ସମୟରେ ମଧ୍ୟ କାଙ୍କେରୀ ଠାରେ ନୂତନ ବ୍ଲକ୍ ସ୍ଥାପନ ନେଇ ଦାବୀ କରିଥିବା



କ୍ରିୟାନୁଷ୍ଠାନ କମିଟିର ଆବାହକ କାଙ୍କେରୀ ସରପ□ ମମତା କେତକୀ ପ୍ରକାଶ କରିଥିଲେ।ଦାବିପତ୍ର ପ୍ରଦାନ ସମୟରେ କାଙ୍କେରୀ ସରପଞ୍ଚ ମମତା କେତକୀ, ସମିତି ସଭ୍ୟା ଜ୍ୟୋସ୍ନାମୟୀ ଛତ୍ରିଆ, କ୍ରିୟାନୁଷ୍ଠାନ କମିଟିର ଅସ୍ଥାୟୀ ସଭାପତି ବିଶ୍ୱନାଥ ଛତ୍ରିଆ, ସମ୍ପାଦକ ଶ୍ୟାମଘନ କେତକୀ, ମହେଶ୍ୱର ସୁନାନୀ, ଭାବେନ୍ଦ୍ର ଘି, ଲଳିତ ବାଗ, କୁମୁଦ ମେହେର ସମେତ କାଙ୍କେରୀ, କନାଗାଁ, ଡୁମେରଗୁଡା, ଟିପିଗୁଡା, ସନ୍ଧିକୁଳିହାରୀ, ଖମାର ହଳଦୀ, ଛାଲିପା ପଞ୍ଚାୟତର ଲୋକେ ଉପସ୍ଥିତ ରହିଥିଲେ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଡ଼ପଡ଼ିଆ ମାର୍କେଟ ବସ୍ତି ରେ ଅଗ୍ନିକାଣ୍ଡ

# ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ (ମହାଭାରତ): ପାରାଦୀପ ସହରର ମୁଖ୍ୟ ବଡ଼ପଡ଼ିଆ ମାର୍କେଟ ନିକଟରେ ଥିବା ବସ୍ତିରେ ଶନିବାର ମଧରାତ୍ର ରେ ହଠାତ ନିଆଁ ଲାଗିଯିବାରୁ ପା□ଟି ଘର ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ଯଦିଓ ଏଥିରେ କେହି ହତାହତ ହୋଇନାହାନ୍ତି କିନ୍ତୁ ଦୁଇଟି ଘରର ସମ୍ପୂର୍ଣ୍ଣ ଆସବାପତ୍ର ପୋଡି ନଷ୍ଟ ହୋଇଯାଇଛି । ଘଟଣା ସ୍ଥଳରେ ଅଗ୍ନିସମ ବିଭାଗ ଦଳ ପହଞ୍ଚି ନିଆଁ କୁ ଆୟ□ କରିଥିଲେ । ତେବେ ଖବର ପାଇ ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ ରବିବାର ଦିନ ସକାଳେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପୀଡିତ ପରିବାରଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରାଯିବା ନେଇ ପ୍ରତିଶୃତି ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ପାରିଷଦ ସୌଦାମିନୀ ସାହୁ,ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ,ବିଜେପି ଯୁବ ନେତା ବଜରଙ୍ଗ ସ୍ୱାଇଁ, ପୋର୍ଟ ବଣିକ ସଙ୍ଘ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ ଙ୍କ ସମେତ ବହୁ ଯୁବ ନେତୃତ୍ୱ ମାନେ ଉପସ୍ଥିତ ଥିଲେ । ସେହିପରି ଘଟଣା ସ୍ଥଳରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପହ□ କ୍ଷତିଗ୍ରସ୍ତ ବ୍ୟକ୍ତି ମାନଙ୍କୁ ଭେଟି ପୌର ପ୍ରଶାସନ ପକ୍ଷରୁ ଜରି ପାଲ, ରନ୍ଧା ଓ ଶୁଖିଲା ଖାଦ୍ୟ, ପୋଷାକ ଇତ୍ୟାଦି ଯୁଦ୍ଧକାଳୀନ ଭିତିରେ ଯୋଗାଇ ଦେଇଥିଲେ। ତେବେ ଏହି ଅଗ୍ନିକାଣ୍ଡ ମଶା ଧୂପ ଯୋଗୁଁ ଘଟିଥିବାର ଅନୁମାନ କରାଯାଏ ।

# ଶେଷ ପର୍ଯ୍ୟାୟରେ ଖଡିଆଲ ମହୋତ୍ସବ ପ୍ରସ୍ତୁତି

## ଫେବୃଆରୀ ୩ ରୁ ୭ତାରିଖ ଜନସମୁଦ୍ର ପାଲଟିବ ଖଡ଼ିଆଲ ସହର

ଖଡ଼ିଆଲ(ମହାଭାରତ)ଖଡ଼ିଆଲ ଅଞ୍ଚଳର ଗର୍ବ ଓ ଗୌରବ ଭାବରେ ଦେଶ ବିଦେଶ ରେ ନିଜ ପରିଚୟ ସୃଷ୍ଟି କରିଥିବା ଖଡ଼ିଆଲ ମହୋତ୍ସବ ୨୦୨୫ ଦୁଇ ଦିନ ପରେ ଅର୍ଥାତ ଫେବୃଆରୀ ତିନି ତାରିଖ ଉଦଘାଟନ ହେବ ।ମହୋତ୍ସବର ମୂଳଲକ୍ଷ ହେଉଛି ସ୍ଥାନୀୟ କଳା ସଂସ୍କୃତି ଓ ଐତିହ୍ୟ କୁ ବଞ୍ଚାଇ ରଖିବା ର ପ୍ରୟାସ ରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଲଗାତାର ୧୮ ବର୍ଷ ଅତିକ୍ରମ କରି ସାରିଥିବା ବେଳେ ଚଳିତ ବର୍ଷ ଏହା ୧୯ ବର୍ଷ ରେ ପଦାର୍ପଣ କରିବ ସେନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚଦିନ ବ୍ୟାପୀ ଖଡ଼ିଆଲ ମହୋତ୍ସବ ଚାଲିବ । ମହୋତ୍ସବକୁ ନେଇ ଖଡ଼ିଆଲ ଅଞ୍ଚଳର ଲୋକଙ୍କ ମନରେ ଉତ୍ସାହ ବଢ଼ିବାରେ ଲାଗିଛି । ବିଗତ ୧୮ ବର୍ଷ ଭଳି ଚଳିତ ବର୍ଷ ମଧ ଖଡ଼ିଆଲ ମହୋତ୍ସବ ସାଂସ୍କୃତିକ ରଙ୍ଗମ□ ବେଶ ଚମତ୍କାର ଭାବେ ସଜା ଯାଇଛି। ଆଗ୍ରା ର ତାଜମହଲ ରୂପରେ ନିର୍ମିତ ହେଉଛି ରଙ୍ଗମ□। ଶିଳ୍ପୀ ଅମିତ କୁମାର ମେହେର ଏବଂ ତାଙ୍କ ସାଥୀ ମାନେ ଅକ୍ଳାନ୍ତ ପରିଶ୍ରମ କରି ମଞ୍ଚ ନିର୍ମାଣ କାମରେ ନିଜକୁ ହଜାଇ ଦେଇଛନ୍ତି ।ଆଜି ଶେଷ ସ୍ପର୍ଶ ଦେଉଛନ୍ତି ମଞ୍ଚ ଶିଳ୍ପୀ । ଅନ୍ୟପକ୍ଷେ ସ୍ଥାନୀୟ ନୃତ୍ୟ ଶିଳ୍ପୀ ମାନେ ଚମତ୍କାର ନୃତ୍ୟ ପରିବେଷଣ କରିବା ପାଇଁ ଜୋରସୋରରେ ତନ ମନ ଧ୍ୟାନ ଦେଇ ଅଭ୍ୟାସ ଜାରିରଖିଛନ୍ତି । ସେହିଭଳି ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାର ତଥା ସାଂସ୍କୃତିକ ଦଳ ଗୁଡିକ ମହୋତ୍ସବରେ ନିଜ ନିଜ କଳା ପ୍ରଦର୍ଶନ କରିବେ । ଏହା ବ୍ୟତୀତ ବଲିଉଡ ତଥା ଓଲିଉଡର ସୁପ୍ରସିଦ୍ଧ କଣ୍ଠ ଶିଳ୍ପୀ ହ୍ୟୁମାନ ସାଗର ଓ ଷ୍ଟାର ନାଇଟ କାର୍ଯ୍ୟକ୍ରମ ରେ ଜାଭେଦ ଅଲି ମହୋତ୍ସବ ମଞ୍ଚରେ ତାଙ୍କ କମାଲ ଦେଖାଇବେ । ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆ ରେ ସୂଚନା ଦେଇଛନ୍ତି ମହୋତ୍ସବ କମିଟି ର କର୍ମକର୍ତ୍ତା । ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ କମିଟି ଉପଦେଷ୍ଟା ଅଧିରାଜ ମୋହନ ପାଣିଗ୍ରାହୀ,ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ଉପସଭାପତି ସୁଶାନ୍ତ ତାଣ୍ଡି,ସୁନୀଲ ସାହୁ, ନିମାଇଁ ଚରଣ ତାଣ୍ଡି, ଗୋବର୍ଦ୍ଧନ ସୁନା,ଗିରିଧାରୀ ବିଭାର, ପ୍ରଚାର ପ୍ରସାର ଆବାହକ ପୃଥ୍ୱୀରାଜ ମହାନ୍ତି,ସନ୍ତୁ ପଟ୍ଟନାୟକ,ପ୍ରମୁଖ ଉପସ୍ଥିତ ଥିଲେ।



# ସରସ୍ୱତୀ ପୂଜା ଉପଲକ୍ଷେ ଷଡବଂଶୀୟ ୪୫୦୦ ଘର ଗଣ୍ଡ ଜାତି ସମାଜ ର ଏକ ସମୀକ୍ଷା ବୈଠକ



ବଲାଙ୍ଗୀର ( ମହାଭାରତ ) ଚୂଡ଼ାପାଲି ସର୍କଲ ସଭାପତି ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ଧରୁଆ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମାଜ ର ଇଷ୍ଟଦେବତା ଶ୍ରୀ ଶ୍ରୀ ବଡଦେଓ ଙ୍କ ପୂଜା ଓ ପ୍ରାର୍ଥନା କରାଯାଇଥିଲା।ଚୂଡ଼ାପାଲି ସର୍କଲ ର ପୂର୍ବତନ ସଭାପତି ଶ୍ରୀ ଯୁକ୍ତ ପାକଲା କୁମୁରା ସ୍ୱର୍ଗାରୋହଣ କରିଥିବାରୁ ତାଙ୍କ ସ୍ୱର୍ଗତଃ ଆତ୍ମା ର ସଦଗତି ନିମନ୍ତେ ସାମୁହିକ ଶୋକସଭା କରାଗଲା। ଏହି ଗଣ୍ଡ ସମାଜ ର ଇତିହାସ ସଂପର୍କରେ ଶ୍ରୀ ଯୁକ୍ତ ବିରଞ୍ଚି ମାଝୀ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ତାପରେ ଶ୍ରୀ ଯୁକ୍ତ ସୀତାରାମ ଧରୁଆ ଲୁଚୁକିବନ୍ଧ ଷଡବଂଶୀ ଗଣ୍ଡ ସମାଜ ର ନୀତି ନିୟମ ଚାଲି ଚଳଣି ଉପରେ ଆଲୋକପାତ କରି ଗୋଣ୍ଡୱାନା ଦଳକୁ ପ୍ରତିହତ କରିବା ପାଇଁ ପରାମର୍ଶ ଦେଲେ। ଏହି ସଭାରେ ବଲାଙ୍ଗୀର ମଣ୍ଡଳ ସଂପାଦକ ଶ୍ରୀ ଯୁକ୍ତ ହରିବନ୍ଧୁ ଧରୁଆ, ଜିଲ୍ଲା ସଂପାଦକ ଶ୍ରୀ ଯୁକ୍ତ ସତ୍ୟନାରାୟଣ କୁମୁରା ଓ ଜିଲ୍ଲା ସଭାପତି ଶ୍ରୀ ଯୁକ୍ତ ମୂରଲୀଧର ମଲ୍ଲିକ ନିଜ ବକ୍ତବ୍ୟ ରଖିଥିଲେ। ଭୂଏପାଲି ନଗର ସଭାର ସମସ୍ତ କର୍ମ କର୍ତ୍ତା। ଶ୍ରୀ ଚନ୍ଦ୍ରମଣି ଭୂଏ,ବିରେନ୍ କମୁରା, ମିନକେତନ କୁମୁରା, ଗଙ୍ଗାଧର କହେଣ୍ଡା, ଦାମୋଦର କୁମୁରା,କେଶବ ଭୋଇ,ମକାରୁ ଭୂଏ, ଚକ୍ର ପୁଟା, ଯୋଗଦାନ କରିଥିଲେ। ଉକ୍ତ ସଭା କୁ ପରିଚାଳନା କରିଥିଲେ ଚୂଡ଼ାପାଲି ସର୍କଲ ସଂପାଦକ ଶ୍ରୀ ଯୁକ୍ତ ନିରଞ୍ଜନ ଧରୁଆ। କିଶେଶର ଭୂଏ, ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ବାବା କପିଳେଶ୍ୱର ଯୁବକ ସଙ୍ଘ ପୂଜା କମିଟି ର ସରସ୍ୱତୀ ପୂଜା

କନ୍ଧମାଳ:(ମହାଭାରତ )କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ପା ପାଞ୍ଚାୟତ ଉପର ସାହି ବାବା କପିଳେଶ୍ୱରଯୁବକ ସଙ୍ଘ ପୂଜା କମିଟି ର ସରସ୍ୱତୀ ପୂଜା ପାଳିତ ହେଇ ଯାଇଛି । ଏହି ବାବା କପିଳେଶ୍ୱରଯୁବକ ସଙ୍ଘ ପୂଜା କମିଟି ର ମୁଖ୍ୟ ପରିଚାଳକ ଦଶରଥ ଯାନୀ ଙ୍କ ନିର୍ଦ୍ଦେଶ କ୍ରମେ ପରିଚାଳିତ ହେଇ ଥିବାବେଳେ । କମିଟି ର ସଭାପତି-ସିଦ୍ଧାନ୍ତ ସାହୁ, ଉପ ସଭାପତି - ଦିଲୀପ କୁମାର ଯାନୀ ଏବଂ ସମ୍ପାଦକ - ସୁଧାଂଶୁ ଯାନୀ , ଉପ ସମ୍ପାଦକ - ଦିଲୀପ କୁମାର ପୃଷ୍ଟି ଙ୍କ ନେତୃତ୍ୱରେ ପାଳିତ କରାଯାଇଛି । ପୂଜା ସାଙ୍ଗକୁ ନାମ କ୍ରୀତନ୍ୟ କରାଯାଇ ଥିଲା କ୍ଷ କମିଟି ର ସଦସ୍ୟ ମାନଙ୍କ ଦ୍ୱାରା ଅର୍ଣ୍ଣ ସେବନ ର ବ୍ୟବସ୍ଥା ମଧ କରାଯାଇଥିଲା ପଞ୍ଚାୟତ ର ସମସ୍ତ ଗ୍ରାମ ବାସି ମାନଙ୍କୁ ନିମଂତ୍ରଣ କରାଯାଇ ଥିଲା । ଯେଉଁ ଭକ୍ତ ସରସ୍ୱତୀ ମାତା ଙ୍କୁ ଦର୍ଶନ କରିବାକୁ ଆସନ୍ତି ସେହି ବ୍ୟକ୍ତି କୁ ଅର୍ଣ୍ଣ ସେବନ କରିବାପାଇଁ କୁହନ୍ତି । ଆଜି କୁ ପ୍ରାୟ ୫୦ବର୍ଷ ହେବ ଏହିସ୍ଥାନରେ ସରସ୍ୱତୀ ମାତା ପୂଜା ପାଉଛନ୍ତି କିନ୍ତୁ ସରସ୍ୱତୀ ପୂଜା ମନ୍ଦିର ନିର୍ମାଣ ପାଇଁ କମିଟିର ସଦସ୍ୟ ମାନେ ସ୍ଥାନୀୟ ଜିଲ୍ଲା ପାଳ ଏବଂ ରାଜ୍ୟ ସଭା ସାଂସଦ ଲୋକ ସଭା ସାଂସଦ ଙ୍କୁ ବାରମ୍ବାର ଲେଖି ଜଣାଉ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବାବା କପିଳେଶ୍ୱର ଯୁବକ ସଙ୍ଘ ର ସରସ୍ୱତୀ ପୂଜା ମଣ୍ଡପ ନିର୍ମାଣ ଟିଏ ହେଇପାରୁ ନଥିବା ଅଭିଯୋଗ ହେଉଅଛି । ସରକାର ବିଭିନ୍ନ ପୂଜା ମଣ୍ଡପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁ ଥିଲେ ମଧ ବାବା କପିଳେଶ୍ୱର ଯୁବକ ସଂଘ କମିଟିର ସରସ୍ୱତୀ ମାତାଙ୍କ ପୂଜା ମଣ୍ଡପ ନିର୍ମାଣ ହେଇ ପାରୁ ନଥିବା ବୁଦ୍ଧି ଯିବି ମହଲରେ ଚର୍ଚ୍ଚା ର ବିଷୟ ପାଲଟିଛି। ବାବା କପିଳେଶ୍ୱର ଯୁବକ ସଂଘ ସରସ୍ୱତୀ ପୂଜା କମିଟି ର ତୃତୀୟ ଦିବସ କୁ ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ରୂପେ ରଖାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୁଡୁକୁମ୍ପା ପଞ୍ଚାୟତ ର ସରପଞ୍ଚ ଦଶରଥ ଯାନୀ, ବାଳକୃଷ୍ଣ ଯାନୀ , ମାଧବ ସାହୁ, ଲକ୍ଷ୍ମୀକାନ୍ତ କର , ଶିବ ପ୍ରସାଦ ସାହୁ, ସଚିନ୍ଦ୍ର ଯାନୀ , ଆମ୍ବିଳ ବେହେରା , ବିଶ୍ୱ କର୍ମା ବେହେରା , ବିଶ୍ୱକର୍ମା ବେହେରା, ପଙ୍କଜ ବେହେରା, ଉମେଶ ବେହେରା ବୁଦ୍ଧି ଯିବି ଗଣ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ବାଳକୃଷ୍ଣ ଯାନୀ କରିଚାଳନା କରିଥିବାବେଳେ କମିଟି ର ସଦସ୍ୟ ଭାବେ ମାନସ ମଲ୍ଲିକ, ମାନସ କହଁର , ନିର୍ମଳ ବେହେରା , ସବ୍ୟ ସଚି କହଁର , ଶିବୁ ସାହୁ , ପ୍ରଶାନ୍ତ ବେହେରା , ବିର ଗଣ ବେହେରା , କୀର୍ତନ ବେହେରା , ଆଶିଷ କୁମାର ସାହୁ , ମନୋଜ ସାହୁ , ଜିତୁ ସାହୁ , ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ଗ୍ରାମର ସମସ୍ତ ବାଳକ ବାଳିକା ସହଯୋଗ କରି ଥିଲେ।

# କୁଟିବାରୀ ଠାରୁ ଦଳପଡା ପ୍ରଧାନମନ୍ତ୍ରୀ ସଡ଼କ ମରଣ ଯନ୍ତା: ମରାମତି ପାଇଁ ଦାବି



କନ୍ଧମାଳ:(ମହାଭାରତ):ସରକାର ଅଞ୍ଚଳର ଗମନାଗମନ ପାଇଁ ପ୍ରଧାନ ମନ୍ତ୍ରୀ ସଡ଼କ ଓ ମୁଖ୍ୟମନ୍ତ୍ରୀ ଏବଂ ବିଭିନ୍ନ ପାଣ୍ଠି ଅନୁସାରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବା ବେଳେ କିଛି ମଧ୍ୟମ କର୍ମଚାରୀ ମାନଙ୍କ ଯୋଗୁଁ ରାସ୍ତା ଗୁଡିକ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି । ଏହି ରାସ୍ତାଟି ୨୦୧୯ ମସିହାରୁ ନିର୍ମାଣ ହୋଇ ଥିବା ବେଳେ ବର୍ତ୍ତମାନ ପିଚୁ ଉଠି ଖାଲ ଖମା ହୋଇ ପିଚୁ ଗୁଡିକ ଏଣେ ତେଣେ ପଡି ରହିଥିବାରୁ ଯିବା ଆସିବା ପାଇଁ ବହୁ ଅସୁବିଧା ହେବା ସହିତ ଦୁର୍ଘଟଣା ଶିକାର ହେଉଛନ୍ତି । ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ପ୍ରଶାସନ ମରାମତି କରିବାକୁ ଦଳପଡା ଅଞ୍ଚଳର ବୁଦ୍ଧି ଜୀବି ମହଲରୁ ଦାବି ହେଉଛି ।

# ଭଙ୍ଗା ଘରେ ଭାଗ୍ୟକୁ ଆଦରି ପଡିଛନ୍ତି ଦୁଇ ଦିବ୍ୟାଙ୍ଗ

କଲ୍ୟାଣସିଂହପୁର : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମା ଜଗନ୍ନାଥ ସାହିରେ ଏକ ଭଙ୍ଗା ଘରେ ଦୁଇ ଦିବ୍ୟାଙ୍ଗ ରହିଥିବା ଦେଖିବାକୁ ମିଳିଛି । ସ୍ୱର୍ଗତ ସୀତାରାମ ଦାସଙ୍କ ସ୍ତ୍ରୀ ଅନୁସୟା ଦାସ (୭୦)ଓ ପୁଅ ବିନାୟକ ଦାସ (୩୯) ଦୁଇ ଜଣ ଦିବ୍ୟାଙ୍ଗ ହୋଇ ଭଙ୍ଗା ଘରେ ଭାଗ୍ୟକୁ ଆଦରି ପଡିରହିଥିବା ଦେଖିବାକୁ ମିଳିଛି । ସୀତାରାମ ପୂର୍ବରୁ ଚା ବିକ୍ରି କରି ପରିବାର ଚଳାଉଥିଲେ । ଦୁଇ ପୁଅ,ଦୁଇ ଝିଅଙ୍କୁ ବିବାହ ଦେବା ପରେ ସ୍ୱର୍ଗତ ସୀତାରାମ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ପ୍ରାୟ ୩ବର୍ଷ ହେବ ସୀତାରାମଙ୍କ ଦେହାନ୍ତ ପରେ ସ୍ତ୍ରୀ ଅନୁସୟା ସମ୍ପୂର୍ଣ୍ଣ ଭାଙ୍ଗି ପଡି ପକ୍ଷାଘାତ ରୋଗରେ ଶଯ୍ୟାରେ ପଡିରହିଛନ୍ତି ।ସାନ ପୁଅ ବାଇକ ଦୁର୍ଘଟଣାରେ ହାତ ଓ ଶ୍ରବଣ ଶକ୍ତି ହରାଇଛି। ଏହି ଦୁଇ ଜଣଙ୍କୁ ତାଙ୍କ ବଡ଼ ପୁଅ ବୋହୂ



ପଚାରୁ ନାହାନ୍ତି । କେବଳ ଦୁଇ ଝିଅ କେତେବେଳେ କେମିତି ଆସି ଦେଖା ଚାହାଁ କରି ଯାଉଛନ୍ତି ବୋଲି ମାଆ ପୁଅ କହିଛନ୍ତି । ପଡୋଶୀ କେତେବେଳେ ଖାଇବାକୁ ଦେଲେ ଖାଉଛନ୍ତି ନଚେତ ଭୋକରେ ଶୋଉଛନ୍ତି । ଘରର କାନ୍ଥ ଫାଟି ଆଁ କରିଛି ,ବାଡ଼ି କୋଠରୀରୁ ମାଟି ଝଡି ପଡିଛି । ଏହି ପରିବାରକୁ ସରକାର ପକ୍ଷରୁ ପିଡ଼ିଏଫ ଚାଉଳ ୧୦କିଲୋ ସହ ବିଧବା ଭତ୍ତା ଓ ପୁଅକୁ ବିକଳାଙ୍ଗ ଭତ୍ତା ଭାବରେ ୧ ହଜାର ଟଙ୍କା ଲେଖାଏଁ ସହାୟତା ମିଳୁଛି ।ଏହି ଦୁଇ ହଜାର ଟଙ୍କାରେ ସେମାନେ ଔଷଧ କିଣିବେ ନା ଖାଇବେ ନା ଘର ସଜାଡ଼ିବେ ବୋଲି କହିଛନ୍ତି। ତେଣୁ ସରକାରଙ୍କ ତରଫରୁ ଆବାସ ଯୋଜନାରେ ଘର ଖଣ୍ଡିଏ ଓ ଭତ୍ତା ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି ।

# ଗୋପାଳପୁର କଲେଜରେ ୪୩ ତମ ବାର୍ଷିକ ଉତ୍ସବ

ଗୋପାଳପୁର: ଗୋପାଳପୁର କଲେଜ ପରିସରରେ ୪୩ ତମ ବାର୍ଷିକ ଉତ୍ସବ ପାଳିତ ମହାଆଡମ୍ବର ସହ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଡ଼. ରାମ ପ୍ରସାଦ ପଣ୍ଡା ଅଧକ୍ଷତା କରିବା ସହ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗ ଦେଇ ଏହାର ଉଦଘାଟନ କରିବା ସହ ଛାତ୍ର, ଛାତ୍ରୀଙ୍କୁ ପାଠପା ସହ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଉପ ସଚିବ ଡ଼. କୁଳମଣି ଓଝା ଯୋଗ ଦେଇ ଓଡିଶା ଭାଷା, ନିଯୁକ୍ତି ଏବଂ ପାଠପା ସହ ଦକ୍ଷତା ବିକାଶ କରି କର୍ମ ନିଯୁକ୍ତିରେ ନିୟୋଜିତ ହୋଇ କଲେଜର ଟେକ ରଖିବାକୁ କହିଥିଲେ। ତାହାସହ ବିଦ୍ୟାର୍ଥୀ ମାନେ ବିକଶିତ ଭାରତର କର୍ଣ୍ଣଧାର ଅଟନ୍ତି।ନିଜେ ସମ୍ପୂର୍ଣ୍ଣ ଭାବେ ବିକଶିତ ହୋଇ ସୁରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବାକୁ କହିଥିଲେ୍ୟ



ସମ୍ମାନିତ ଅତିଥି ଭାବେ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ଯୁକ୍ତ ୩ର ଉପଦେଷ୍ଟା ଗିରିଶ ଚନ୍ଦ୍ର ବେହେରା, ଯୁକ୍ତ ଦୁଇର ଡ଼. ରାଜେନ୍ଦ୍ର କୁମାର ମହାପାତ୍ର, ହରିଶ ଚନ୍ଦ୍ର ବିଷୋୟୀ ପ୍ରମୁଖ ମଂଚସୀନ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରାକ୍ଟର ଓ ବାଇକ ଧକ୍କା, ବାଇକ ଚଳାକ ଗୁରୁତର

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତା ଜୁଡାମ୍ବଘାଟି ନିକଟରେ ବାଇକ୍ ଓ ଟ୍ରାକ୍ଟର ମଧ୍ୟ ରେ ଦୁର୍ଘଟଣାରେ ବାଇକ୍ ଗୁରୁତର ଆହାତ ହୋଇଛି। ଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମପଞ୍ଚାୟତ ଘୁଲଘୁଲିଆ ଗ୍ରାମର କର୍ଣ୍ଣରାମ ମହାନ୍ତ (୫୬) ମୋଟର ସାଇକେଲ ଯୋଗେ ଠାକୁରମୁଣ୍ଡା ଆସିଥିଲେ। ସନ୍ଧ୍ୟା ୭ ଟାରେ ଘରକୁ ଫେରୁଥିବା ବେଳେ ଜଡାମ୍ବ ଘାଟି ନିକଟରେ ଟ୍ରାକ୍ଟର ସହ ଧକ୍କା ହୋଇଥିଲା । ଟ୍ରାକ୍ଟର ଟି ଗୋଟିଏ ଲାଇଟରେ ଆସୁଥିବାରୁ ଏପରି ଦୁର୍ଘଟଣା ହୋଇଥିବା କୁହାଯାଉଛି । ତେବେ ଦୁର୍ଘଟଣା ପରେ ଟ୍ରାକ୍ଟର କୁ ଜଙ୍ଗଲ ଭିତରେ ଛାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ଠାକୁରମୁଣ୍ଡା ଥାନା ପୋଲିସ ଟ୍ରାକ୍ଟର ଜବତ କରି ଦୁର୍ଘଟଣା ର ତଦନ୍ତ କରୁଛି ପୋଲିସ ।

## ବାଘ ଆକ୍ରମଣ ରେ ବାଛୁରୀ ମୃତ ବଳଦ ଆହତ

କରଞ୍ଜିଆ, (ମହାଭାରତ) କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ ର ମଣ୍ଡଳଝୋରି ସଂରକ୍ଷିତ ଜଙ୍ଗଲ ଭିତରେ ରବିବାର ଅପରାହ୍ନ ରେ ବାଘ ଆକ୍ରମଣ ରେ ଗୋଟିଏ ବାଛୁରୀ ର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ବଳଦ ବାଘ କାମୁଡ଼ାରେ ଆହତ ହୋଇଥିବାର ଜଣା ପଡ଼ିଛି।ମିଳିଥିବା ସୂଚନା ଅନୁଯାୟୀ କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଣ୍ଡଝୋରି ଗ୍ରାମର ମାଇକା ସୁଣ୍ଡି ଙ୍କ ଗାଈ ବଳଦ ଗ୍ରାମ ନିକଟରେ ଥିବା ଜଙ୍ଗଲ ଭିତରକୁ ଚରି ବାକୁ ଯାଇଥିଲେ।ଦିନ ପ୍ରାୟ ୩.୩୦ ମିନିଟ ସମୟରେ ଜଙ୍ଗଲ ଭିତରେ ବାଘ ଆକ୍ରମଣ କରି ତାଙ୍କର ଗୋଟିଏ ବାଛୁରୀ କୁ ମାରି ଦେଇଥିବା ବେଳେ ଅନ୍ୟ ଗୋଟିଏ ବଳଦ କୁ ଆକ୍ରମଣ କରି ଆହତ କରିଦେଇଥଲା।ଆହତ ଅବସ୍ଥାରେ ବଳଦ ଟି ଗ୍ରାମକୁ ଆସିବା ପରେ ବାଘ ଆକ୍ରମଣ କରିଥିବା ର ଅନୁମାନ କରଯାଇଥିଲା।ଏନେଇ ବନବିଭାଗ କୁ ଖବର ଦେବା ପରେ ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ।ବନ କର୍ମଚାରୀ ମାନେ ଜଙ୍ଗଲ ଭିତରକୁ ଯିବା ପରେ ବାଛୁରୀ ର ମୃତ ଦେହ ଦେଖିଥିଲେ।ମୃତ ବାଛୁରୀ କୁ ଉଦ୍ଧାର କରି ଆଣିଥିଲେ।ଏହା ଏକ କଲରାପତରିଆ ବାଘ ବୋଲି ବନ ବିଭାଗ କହିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ସହକାରୀ ନିର୍ବାହି ଯନ୍ତ୍ରୀ ସସ୍ମିତା ଜେନା, ଏକାଉଣ୍ଟରେ□ ଗଜେନ୍ଦ୍ର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ବିକାଶ ଘଟାଇବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। ଏହି ଶିବିରର ୫୯୦ ଜଣ ଯୋଗ ଦେଇଥିବା ବେଳେ ୧୭୧ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି।୨୩୯ ଜଣ ଭିନ୍ନକ୍ଷମ ସେମାନଙ୍କ କାର୍ଡର ନବୀକରଣ କରିଛନ୍ତି।୭୨ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ବିଭିନ୍ନ ସହାୟତା ଉପକରଣ ବଣ୍ଟନ କରାଯିବ।ଅସ୍ଥିଶଲ୍ୟ ବିଭାଗ,ଚକ୍ଷୁ କର୍ଣ୍ଣ, ବଧିର,ଏମ୍ ଆର ସି ପି,ଆଦି ବିଭିନ୍ନ ବିଭାଗର ଡାକ୍ତର ଓ ବିଶେଷଜ୍ଞ ମାନେ ଯୋଗ ଦେଇ ପରୀକ୍ଷା ନିରୀକ୍ଷା କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା ଉତ୍ସବ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ବସନ୍ତ ପଞ୍ଚମୀ ଅବସରରେ ମାଆ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ମହା ଆଡମ୍ବରରେ ପାଳିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଏହି ପୂଜା ଆୟୋଜିତ ହୋଇଥିଲା।ସକାଳୁ ଛାତ୍ର ଛାତ୍ରୀ ମାନେ ନଡ଼ିଆ କଦଳୀ ଧୂପ ଦୀପ ଫଳ ଫୁଲ ଧରି ବିଦ୍ୟାଳୟକୁ ଆସିଥିଲେ।ଦେବୀ ମଠର ମହନ୍ତ ରାମା ନନ୍ଦ ଦାସ ଜୀ ମହାରାଜା ଉପସ୍ଥିତ ରହି ହୋମରେ ପୂର୍ଣ୍ଣୟହୁତି ପ୍ରଦାନ କରିଥିଲେ।ପୁଷ୍ପାଞ୍ଜୀଳି ପରେ ଛୋଟ ଛୋଟ ଶିଶୁ ମାନଙ୍କର ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଅଭିଭାବକ ମାନେ ସାଙ୍ଗରେ ଶିଶୁ ମାନଙ୍କୁ ଧରି ଖଡି ଛୁଆଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଆ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।

# ପିପିଏଲ ଡ଼ିଏଭି ସ୍କୁଲ ର ୩୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ଫସଫେଟ୍ସ ଲିମିଟେଡ଼ (ପିପିଏଲ) ସ୍ଥିତ ଡ଼ିଏଭି ପବ୍ଲିକ ସ୍କୁଲ ୩୮ତମ ପ୍ରତିଷ୍ଠା ଦିବସ ଫେବୃଆରୀ ୧ ତାରିଖ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ପବିତ୍ର ବୈଦିକ ଯଜ୍ଞାନୁଷ୍ଠାନରେ ବିଦ୍ୟାଳୟ ର ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ ପୂର୍ଣ୍ଣାହୁତି ଅର୍ପଣ କରିଥିଲେ। ଓଡିଶା ରେଡକ୍ରସ ସୋସାଇଟି ସହାୟତାରେ ସ୍କୁଲ ପରିସରରେ ଆୟୋଜିତ ରକ୍ତ ଦାନ ଶିବିର ଏବଂ ପୂର୍ବାହ୍ନରେ ପିପିଏଲ ସ୍ଥିତ କମ୍ୟୁନିଟି ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବକୁ ପିପିଏଲ ର ଅଗ୍ନିଶମ ଓ ପରିବେଶ ସୁରକ୍ଷା ବିଭାଗ ମୁଖ୍ୟ ପ୍ରବନ୍ଧକ ନିହାର କାନ୍ତି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ସର୍ବ ପ୍ରଥମେ ମୁଖ୍ୟ କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ରକ୍ତ ଦାନ କରିଥିଲେ ଏବଂ ପରେ ପ୍ରାୟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ,ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଉତ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀ ଙ୍କ ସଫଳତା ବିଷୟରେ ସନ୍ତୋଷ ପ୍ରକାଶ କରିଥିଲେ । କରିବା ସହିତ ଆଜିର ଦିନରେ ପୃଥିବୀ ଦାସତ୍ୱ ରୁ ମୁକ୍ତ ହୋଇଥିବା କଥା ମନେ ପକାଇ ଦେଇଥିଲେ । ବିଦ୍ୟାଳୟ କିପରି ରାଜ୍ୟ,ଦେଶ ତଥା ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କୁ ତିଆରି କରିବାରେ ସହାୟତା କରେ ତାହା ଉଲ୍ଲେଖ କରିଥିଲେ।ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଏହି ଦିବସ ପାଳନର ବିଷୟରେ ସମ୍ୟକ ସୂଚନା ପ୍ରଦାନ ସହିତ ଦୀର୍ଘ ୩୭ବର୍ଷ ଧରି ବିଦ୍ୟାଳୟ ଅର୍ଜନ କରିଥିବା ଯଶ ଓ ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ ଶିକ୍ଷକ ହେଉଛି ଛାତ୍ର ମାନ୍ୟବର ଅନ୍ତର୍ନିହିତ ଉପାଦାନ।ଏ ବିଷୟରେ ଉଦାହରଣ ଦେଇ ଆଦି ଶଙ୍କରାଚାର୍ଯ୍ୟ ତଥା ଦୟାନନ୍ଦ ସରସ୍ୱତୀଙ୍କ ଜୀବନ ଦର୍ଶନ ତଥା ପୃଥିବୀର ବିଶିଷ୍ଟ ବ୍ୟକ୍ତିମାନଙ୍କର ଚରିତ୍ର ଦ୍ୱାରା ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ ଓ ସୂଚାଇ ଦେଇଥିଲେ, ଏହିବିଦ୍ୟାଳୟର ଐତିହାସିକ ଦିବସରେ ଏହା ସମସ୍ତେ ନିଶ୍ଚିତ କରିବା ଉଚିତ୍ ଯେ ଶିକ୍ଷାନୁଷ୍ଠାନ ହେଉଛି ଏକ ମଣିଷ ତିଆରି କାରଖାନା ଯାହା ବିବେକବାନ ମଣିଷ ତିଆରି କରେ ଆଉ ପ୍ରତ୍ୟେକ ଅନୁଷ୍ଠାନ ଏହା ମନେ ରଖିବା ଉଚିତ ଏବଂ ଲକ୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖିବା ଆବଶ୍ୟକ। ବିଦ୍ୟାଳୟର ଛୋଟ ଛୋଟ ପିଲା ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।ଏହି ଉତ୍ସବ ରେ ବିଦ୍ୟାଳୟ ତଥା ବାହ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟ କ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ କୁନି ଲେଖକ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା ।ଶେଷରେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପିପିଏଲର ପଦସ୍ଥ ଅଧିକାରୀ ଏବଂ ମାନ୍ୟ ଗଣ୍ୟ ବ୍ୟକ୍ତିଗଣ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ସସ୍ମିତ ସୁକୁମାର ଚିତ୍ତାରା (ଅଧ୍ୟକ୍ଷ ଡି ଏ ଭି ଇଙ୍ଫ୍ କୋ ଓ ଶ୍ରୀମତି ବିନ୍ଦୁଶ୍ରୀ ମହାନ୍ତି(ଅଧ୍ୟକ୍ଷା, ଡି ଏ ଭି ପାରାଦ୍ୱୀପ ପୋର୍ଟ) ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶ୍ରୀଯୁକ୍ତ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ତଥା ବିଦ୍ୟାଳୟର ଦୁଇ ମାଧ୍ୟମର ସଂଯୋଜକ ଶ୍ରୀଯୁକ୍ତ ବୃନ୍ଦାବନ ରାଉତ ଓ ଶ୍ରୀ ମହେଶ୍ୱର ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀ,ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଭିଭାବକ ମାନେ ଉତ୍ସବରେ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଶ୍ରୀ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଦୁଇ ମାଧ୍ୟମର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀ ଉତ୍ସବ ପାଳନରେ ଅକୁଣ୍ଠ ସହଯୋଗ କରିଥିଲେ।କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଶ୍ରୀଜୟଦେବ ଚକ୍ରବର୍ତ୍ତୀ, ପୀୟୁଷ ରଞ୍ଜନ ରାୟ ଏବଂ ଶୀତଲ ସିଂ ଉପସ୍ଥାପନ କରିଥିଲେ।ପିପିଏଲ ପାରାଦ୍ୱୀପର ମୂଖ୍ୟ ଶ୍ରୀ ପଲାନିସାମି ଭେଲୁସାମି ତଥା ମାନବ ସମ୍ବଳ ବିଭାଗର ମହା ପ୍ରବନ୍ଧକ ଶ୍ରୀ ସୁମିତ ସେନାପତି ବିଦ୍ୟାଳୟର ୩୮ତମ ପ୍ରତିଷ୍ଠା ଦିବସର ସୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଡିଏଭି ବିଦ୍ୟାଳୟ ସମୂହ ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଓ ଆଞ୍ଚଳିକ ଅଧିକାରୀ ଡକ୍ଟର ସୁଜାତା ସାହୁ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ବିଦ୍ୟାଳୟ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ।

# କୋକସରା ବ୍ଲକ ପଛୁଆ ବର୍ଗର ମିଳିତ ବୈଠକ



କୋକସରା,(ମହାଭାରତ): କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିଠାରେ ରବିବାର ଦିନ କୋକସରା ବ୍ଲକ ପଛୁଆ ବର୍ଗର (ଓବିସି) ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ସଚେତନ କୃଷକ ମଞ୍ଚର ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ଆହ୍ୱାନ କ୍ରମେ ପଛୁଆ ବର୍ଗରେ ଆସୁଥିବା ୧୫ ଗୋଟି ସମାଜର ଶତାଧିକ କର୍ମକର୍ତ୍ତା। ବୈଠକରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମୀନ କେତନ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, କୋକସରା ସରପ□ କିଶୋର ଚନ୍ଦ୍ର ପ୍ରଧାନୀ, କୋଶଲିଆ ଗଉଡ଼ ସଭା ଜିଲ୍ଲା ସଭାପତି ମନୋଜ କୁମାର ନାଏକ, ପୂର୍ବତନ ସୁନାରୀ ସମାଜ ଜିଲ୍ଲା ସଭାପତି ବୁଟୁନାଥ ସରାବୁ, ଅବସର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାସ, କଳାହାଣ୍ଡି କୋଶଲା ମାଳି ସମାଜର ଯୁଗ୍ମ ସମ୍ପାଦକ ଜୟହରୀ ପଟେଲ, ଭୁବନେଶ୍ୱର ପଟେଲ, ପଙ୍କଜ ପୋଡ଼, କୋକସରା ଶୌଣ୍ଡିକ ସମାଜର ସଭାପତି ଅଶୋକ କୁମାର ସାହୁ, ବ୍ଲକ ଯାଦବ ସମାଜର ସଭାପତି ବିନୋଦ କୁମାର ରାଉତ, ପ୍ରକାଶ ଚନ୍ଦ୍ର ଚୈଧୁରୀ, ମନୀଜର ପୋଡ଼, ନିଳାମ୍ବର ବାରିକ, ଅଖିଳ ଚନ୍ଦ୍ର ସାହୁ, ଗଣେଶ ରାମ ସାହୁ ପ୍ରମୁଖ ଯୋଗଦେଇ ପଛୁଆବର୍ଗ ଦେଶରେ ୫୨ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଥିଲେ ମଧ ଶିକ୍ଷା, ନିଯୁକ୍ତି, ଅର୍ଥନୈତିକ, ରାଜନୈତିକ ଭଳି ସବୁ କ୍ଷେତ୍ରରେ ଉପେକ୍ଷିତ ହୋଇ ଆସିଛି। ସାମ୍ବିଧାନିକ ଅଧିକାର ହିସାବରେ ଜାତି ଧର୍ମ, ବର୍ଣ୍ଣ ନିର୍ବି ଶେଷରେ ସମସ୍ତଙ୍କୁ ସମଭାଗିଦାର ଭାବରେ ପଥ ସୁଗମ ହୋଇଅଛି। ହେଲେ ଜନ ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ପଛୁଆ ଜାତି ଏହି ଧାରାରୁ କେବଳ ୫ ପ୍ରତିଶତ ଉପକୃତ ହେଉଛନ୍ତି। ତେଣୁ ଜାତି ଯେତେ ସଂଖ୍ୟା ତା'ର ସେତିକି ଭାଗ ରହିବା ଜରୁରୀ ରହିଛି। ଏବଂ ଆଗାମୀ ଦିନରେ ପଛୁଆ ବର୍ଗର ହକ୍ ଓ ଅଧିକାର ପାଇଁ ରଣନୀତି ପ୍ରସ୍ତୁତ ହୋଇ କୋକସରା ମାଟିରୁ ଦିଲ୍ଲୀ ଦରବାରରେ ଆବାଜ ଉଠାଇବା ପାଇଁ ବୈଠକରେ ମତପ୍ରକାଶ ପାଇଛି। ଏହି କ୍ରମରେ ଆସନ୍ତା ୧୬ ତାରିଖରେ ବଡ଼ ଧରଣର ସମାବେଶ ହୋଇବା ନେଇ ମଧ ବୈଠକରେ ଆଲୋଚନା କରାଯାଇଛି।

## ବିଭିନ୍ନ ଶିକ୍ଷାଅନୁଷ୍ଠାନ ରେ ସରସ୍ୱତୀପୂଜା ଅନୁଷ୍ଠିତ



ଅସ୍ତରଙ୍ଗ / କାକଟପୁ(ମହାଭାରତ): ବିଦ୍ୟା ଓ ଜ୍ଞାନ ର ଦେବୀ ମା ସରସ୍ୱତୀ, ବୀଣା ପୁସ୍ତକ ଧାରଣ କରି ହଂସ ବାହନ ରେ ଶ୍ୱେତବସ୍ତ୍ର ପରିଧାନ କରିଥିବା ମା ସରସ୍ୱତୀ ଙ୍କୁ ଆରାଧନା କଲେ ବିଦ୍ୟାର୍ଥୀ ଉତ୍ତମ ଜ୍ଞାନ ସହିତ ଭଲ ମଣିଷ ଟିଏ ହୋଇଥାଏ ବୋଲି ଆମ ସନାତନ ହିନ୍ଦୁ ଶାସ୍ତ୍ର ରେ ଉଲ୍ଲେଖ ହୋଇଛି।ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଯାହାକୁ ଶ୍ରୀପଞ୍ଚମୀ କୁହାଯାଏ ଏହି ଦିନ ଦେବୀ ସରସ୍ୱତୀ ଙ୍କର ଜନ୍ମଦିନ ରୂପେ ପୁରପଲ୍ଲୀ ର ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ପାଳନ କରାଯାଏ, ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ବିଭିନ୍ନ ସରକାରୀ ବିଦ୍ୟାଳୟ, କଲେଜ, ବେସରକାରୀ ବିଦ୍ୟାଳୟ ଓ କଲେଜ ସହିତ କମ୍ପୁ୍ୟଟର ଶିକ୍ଷାଅନୁଷ୍ଠାନ ଗୁଡିକ ରେ ଆଜି ଧୁମଧାମ ରେ ବିଦ୍ୟାଦାତ୍ରୀ ଦେବୀ ଙ୍କର ଆରାଧନା ନିରାଡ଼ମ୍ବର ଭାବେ କରାଯାଇଛି, ଆଜି ସକାଳୁ ସମସ୍ତ ଶିକ୍ଷାଅନୁଷ୍ଠାନ ର ଛାତ୍ରଛାତ୍ରୀ ମାନେ ନିତ୍ୟକର୍ମ ସାରି ନୂତନ ପୋଷାକ ପରିଧାନ କରି ହାତରେ ଫୁଲ, ଧୂପ, ଦୀପ, ଫଳମୂଳ ନେଇ ନିଜ ନିଜ ଶିକ୍ଷାକେନ୍ଦ୍ର ରେ ମା ସରସ୍ୱତୀ ଙ୍କୁ ଅର୍ପଣ କରିବା ସହିତ ଭଲ ବିଦ୍ୟା ପାଇଁ ମା ଙ୍କୁ ପାର୍ଥନା କରିଛନ୍ତି, ଜ୍ଞାନୀଗୁଣୀ ବ୍ରାହ୍ମଣ ମାନଙ୍କ ଦ୍ୱାରା ଆଜି ଶିକ୍ଷାକେନ୍ଦ୍ର ଗୁଡିକ ରେ ବେଦପାଠ, ମନ୍ତ୍ର ଧୋନି ସହିତ ଯଜ୍ଞ ରେ ଘୃତାହୂତି କରାଯାଇ ସ୍ୱତନ୍ତ୍ର ଭାବେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଛି।

# ପାଟଣା ବେଷ୍ଟ ଯୋନ ଜିମ୍ ସେଣ୍ଟର ଉଦ୍‌ଘାଟିତ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ବ୍ଲକ ରୋଡ଼ ସି.ଏଚ ପ୍ଲାଜା କମ୍ପ୍ଲେକ୍ସ ଠାରେ ଆଜି ଏକ ବେଷ୍ଟ ଯୋନ ଜିମ୍ ସେ□ର ଉଦଘାଟିତ ହୋଇଛି। ଜିମ ସେ□ର ର ପ୍ରୋପାଇଟର ସଞ୍ଜୟ କୁମାର ସାହୁ ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଶୁଭ ଉଦଘାଟନ କରିଥିଲେ। ଏହି ପେରିପେକ୍ଷି ରେ ପାଟଣା ପ୍ରେସ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାନ୍ତ, ପ୍ରେସ କ୍ଲବ ସମ୍ପାଦକ ବିଜୟ ରଥ ପତି,ବିଜେପି ରାଜ୍ୟ ପରିଷଦ ସଭ୍ୟା ସୋମବାରୀ ମୁଣ୍ଡା,ବରିଷ୍ଠ ବିଜେପି ନେତା କମଳା କାନ୍ତ ଦାଶ,ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ମଣିଷର ପ୍ରକୃତ ସମ୍ପଦ ବୋଲି କହିଥିଲେ।ସ୍ୱାସ୍ଥ୍ୟ ବିନା ମଣିଷ କୌଣସି କାର୍ଯ୍ୟ ଠିକ ଭାବେ କରିପାରି ନଥାଏ।ତେଣୁ ପ୍ରତିଦିନ ଶରୀର କୁ ସୁସ୍ଥ ରଖିବା ପାଇଁ ସକାଳେ ଓ ସନ୍ଧ୍ୟାରେ ଏକ ଘଣ୍ଟା ଲେଖାଏଁ ସମୟ ଦେବାକୁ ପରାମର୍ଶ ଦେଇଥିଲେ।ଯିମ ସେଣ୍ଟର ରେ ଲାଗିଥିବା ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ର କାର୍ଯ୍ୟ ଓ ତାର ଉପକାରୀତା ଉପରେ ଅତିଥିମାନେ ପଚାରି ବୁଝିଥିଲେ।ପାଟଣା ଅଞ୍ଚଳରେ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଏକ ଜିମ ସେଣ୍ଟରର ଆବଶ୍ୟକ ଥିଲା ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।ଏହି ଜିମ ସେ□ର ରେ ସମସ୍ତ ବର୍ଗର ଲୋକଙ୍କ ପାଇଁ ଶାରୀରିକ ଅଭ୍ୟାସ ନିମନ୍ତେ ସୁବିଧା ରହିଥିବା ଜିମ ସେଣ୍ଟର ର ମୁଖ୍ୟ ସଞ୍ଜୟ ସାହୁ ସୂଚନା ଦେଇଥିଲେ।ଉଦଘାଟନ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଜେପି ମଣ୍ଡଳ ସଭାପତି ବ୍ରଜମୋହନ ସେଠୀ,ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମହାନ୍ତ,ଜତୀନ୍ଦ୍ର ଦାଶ,ହରେକୃଷ୍ଣ ସାହୁ,ଅକ୍ଷୟ କୁମାର ସାହୁ,ବିଜୟ କୁମାର ସାହୁ,ଲିପକ ସାହୁ, ଦୁର୍ଗା ଚରଣ ନାୟକ ଙ୍କ ସହିତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ପାଟଣା ରେ ବିଜେପି ପକ୍ଷରୁ କଂଗ୍ରେସ ନେତ୍ରୀ ସୁନିଆଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ପାଟଣା:-(ମହାଭରତ)ଦେଶର ରାଷ୍ଟ୍ରପତି ଙ୍କ ପ୍ରତି ଅଶାଳୀନତା ମନ୍ତବ୍ୟ କୁ ନେଇ ସାରା ଦେଶବ୍ୟାପି ରାଜନୀତି ଙ୍କ ଉଷ୍ମତା ସହ କଂଗ୍ରେସ ନେତ୍ରୀ ଙ୍କ କୁଶପୁତ୍ତଳିକା ଦାହ ଦେଖିବାକୁ ମିଳିଛି । ସେହିପରି କେନ୍ଦୁଝର ଜିଲ୍ଲା ପାଟଣା ବିଜେପି ପକ୍ଷ ରୁ କଂଗ୍ରେସ ନେତ୍ରୀ ସୁନିଆ ଗାନ୍ଧୀ ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦେଶର ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଙ୍କ ବିରୋଧରେ ଯେଉଁ ଭଳି ସୋନିଆ ଗାନ୍ଧୀ ଅଶାଳୀନ କଥନ ପ୍ରୟୋଗ କୁ ସମଗ୍ର ଦେଶ ସୋନିଆ ଗାନ୍ଧୀ ଙ୍କୁ ବିରୋଧ କରିବା ସହ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ନେତୃତ୍ୱ ରେ ପାଟଣା ବ୍ଲକ ଛକ ଠାରେ ରାହୁଲ ଗାନ୍ଧି ଓ ସୋନିଆ ଗାନ୍ଧୀ ଙ୍କୁ ବିରୋଧ ପ୍ରଦର୍ଶନ କରିବା ସହ ନାରାବାଜି କରି ବିଜେପି କର୍ମୀ ମାନେ ସୋନିଆ ଗାନ୍ଧୀ ଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ପରିଷଦ ସଭ୍ୟା ସୋମବାରୀ ମୁଣ୍ଡା,ପାଟଣା ମଣ୍ଡଳ ସଭାପତି ବ୍ରଜମୋହନ ସେଠୀ,ପୂର୍ବତନ ମଣ୍ଡଳ ସଭାପତି ରମେଶ ମହାନ୍ତ,କୃଷ୍ଣ ଚନ୍ଦ୍ର ମହାନ୍ତ,ସଞ୍ଜୟ ପଳେଇ,ମଧୁସୂଦନ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ସୁଜିତ ଦାଶ,ମଙ୍ଗୁଳୁ ବାରିକ,କେଶବ ବାରକ,ତ୍ରିନାଥ ମହାନ୍ତ,ଗୀତକଣ୍ଠ ପାତ୍ର,ବର୍ଣ୍ଣବାଳା ମହାନ୍ତ, ସୁଚିତ୍ରା ମହାନ୍ତ,ନୀତିଶ ମହାନ୍ତ,ପ୍ରକାଶ ସେଠୀ,ଦମ୍ବୁଧର ମହାନ୍ତ ତଥା ଶତାଧିକ କର୍ମୀ ଓ ସାଧାରଣ ଜନତା ସାମିଲ ହୋଇ ଥିଲେ।

# ରାଜ୍ୟ ସ୍ତରୀୟ ଶାରଳା କପ୍ ମେଗା ଫାଇନାଲ, କୁମାରବସ୍ତ ଚାମ୍ପିୟନ୍



ଅସ୍ତରଙ୍ଗ( ମହାଭାରତ) - ମା ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ନରେନ୍ଦ୍ର ଷ୍ଟାଡିୟମରେ ରବିବାର ଦିନ ଖେଳା ଯାଇଥିବା ମେଗା ଫାଇନାଲ କ୍ରିକେଟ ମ୍ୟାଚ ଢେଙ୍କାନାଳ କ୍ରିକେଟ କ୍ଲବ ଏବଂ କୁମାରବସ୍ତ ଖୋର୍ଦ୍ଧା ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚ ରେ ପ୍ରଥମେ ଟସ ଜିତି ଢେଙ୍କାନାଳ ଟିମ ବ୍ୟାଟିଙ୍ଗ କରିବାକୁ ଆମନ୍ତ୍ରିତ କରିଥିଲା କୁମାରବସ୍ତ ଟିମ କୁ ବ୍ୟାଟିଙ୍ଗ କରିବାକୁ ନିମନ୍ତ୍ରଣ ପାଇ ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା ଦଳ ପକ୍ଷରୁ ଅଭିଷେକ ପଟନାୟକ ୩୦ବଲ ରେ ୫୦ରନ କରିଥିଲେ ।ଏହାର ଜବାବରେ ଦ୍ୱିତୀୟ ରେ ବ୍ୟାଟିଂ କରି ଢେଙ୍କାନାଳ କ୍ରିକେଟ କ୍ଲବ ବିକାଶ ରାଉତ ଙ୍କ ୪୮ରନ ବଳରେ ୧୭୧ କରି ୧୦ରନ ରେ ପରାଜୟ ବରଣ କରିଥିଲା । ବିଜୟୀ ଦଳ ପକ୍ଷରୁ ଅଭିଷେକ ପଟନାୟକ ୫୦ ରନ କରି ମ୍ୟାନଅଫଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଆଜିର ଅତିଥି ଭାବରେ ଡ଼ଃ ଦେବେନ୍ଦ୍ର ତରାଇ, ବାଇଧର ମଲ୍ଲିକ, ପ୍ରତାପ ପରିଡ଼ା, ଶୁଭ୍ରଜିତ ମହାପାତ୍ର, ବ୍ଲକ ଅଧକ୍ଷା ଅରାତି ନାୟକ, ଦିବାକର ଛାଟୋଇ, ଦୁର୍ଜୟ ମିଶ୍ର, ଅଭିନେତ୍ରୀ ସସ୍ମିତା ପଣ୍ଡା, ଅନନ୍ୟା ଅନୁପମା ଉଦଯାପନୀ ଉତ୍ସବ ରେ ଯୋଗ ଦେଇଥିବା ବେଳେ ଡ୍ୟାନସିଂ ଅମ୍ପେୟାର ଡୋକାମ, ସନ୍ତୋଷ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, ରାକେଶ ମହାନ୍ତି, ମଣ୍ଟୁ ଭୋଳ ଭାଷ୍ୟକାର କାର୍ଯ୍ୟ ତୁଲାଇଥିବା ବେଳେ ମିଥୁନ ବେହେରା, ପୃଥ୍ୱୀରାଜ ବେହେରା, ଦିବ୍ୟଦର୍ଶୀ ଛାଟୋଇ , ପ୍ରକାଶ କୁମାର ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିବା ନେଇ ମିଡ଼ିଆ ସେଲ ସମ୍ପାଦକ ପ୍ରକାଶ କୁମାର ନାୟକ ସୂଚନା ଦେଇଛନ୍ତି ।



ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



ସୋମବାର, ୩ ଫେବୃଆରୀ, ୨୦୨୫



## ସାମସଙ୍ଗ ଇଣ୍ଡିଆ ଦ୍ୱାରା ଗାଲାକ୍ସି ଏସ୨୫ ଶୃଙ୍ଖଳର ଶୁଭାରମ୍ଭ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ସାମସଙ୍ଗ ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଘୋଷଣା କରିଛି ଯେ ଗ୍ରାହକମାନେ ଏହାର ସଦ୍ୟତମ ଗାଲାକ୍ସି ଏସ୨୫ ଅଲଟ୍ରା, ଗାଲାକ୍ସି ଏସ୨୫+ ଏବଂ ଗାଲାକ୍ସି ଏସ-୨୫ ସ୍ମାର୍ଟଫୋନର ପ୍ରି-ଅର୍ଡ଼ର କରିପାରିବେ ଯାହାକି ପ୍ରକୃତ ଏଆଇ ସହଯୋଗୀ ଭାବରେ ସାମସଙ୍ଗର ସବୁଠାରୁ ଅଧିକ ପ୍ରାକୃତିକ ତଥା ଏପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ପ୍ରାସଙ୍ଗିକ ସଚ୍ଚେତକ ମୋବାଇଲ ଅଭିଜ୍ଞତା ସହିତ ଏକ ନୂତନ ମାନକ ସ୍ଥାପିତ କରିପାରିଛି ।ଗାଲାକ୍ସି ଏସ୨୫ ଶୃଙ୍ଖଳ ସାମସଙ୍ଗର ଦୂରଦୃଷ୍ଟିତାର ପ୍ରଥମ ପଦକ୍ଷେପକୁ ପ୍ରତିନିଧିତ୍ୱ କରିବା ସହିତ ଉପଭୋକ୍ତା ମାନଙ୍କର ଏଥି ସହିତ ମିଶ୍ରଣକୁ ପ୍ରତ୍ୟେକ କ୍ଷେତ୍ରରେ ଏଆଇ ଏଜେଂଟ ତଥା ମଲଟି ମୋଡ଼ାଲ କ୍ଷମତାକୁ ନେଇ ନିରବଚ୍ଛିନ୍ନ ଭାବରେ ଏହାର ସ୍ୱର୍ଣତାକୁ ପ୍ରଦର୍ଶନ କରିଛି। ଏହି ଧରଣର ପ୍ରଥମ କଷ୍ଟମାଇଜ ଗାଲାକ୍ସି ଚିପ୍‌ସେଟ ପ୍ରଦାନକାରୀତା ନିମନ୍ତେ ଉପକରଣର ପ୍ରୋସେସିଙ୍ଗ କ୍ଷମତା ଉପରେ ସ୍ନାପଡ୍ରାଗନ ୮ ଇଲାଇଟ୍ ମୋବାଇଲ ପ୍ଲାଟଫର୍ମ ଅଟେ ଯାହାକି ଗାଲାକ୍ସିର ନେକ୍ସଟ୍ ଜେନ ପ୍ରୋ-ଭିଜୁଆଲ ଇଞ୍ଜିନ ସହିତ ଗାଲାକ୍ସି ଏଆଇ ତଥା ଉନ୍ନତମାନର କ୍ୟାମେରା ସମ୍ଭାର ତଥା ଏହାର ନିୟନ୍ତ୍ରଣକୁ ନେଇ ଆସିଅଛି।

## ଫ୍ରାନ୍ସ ପକ୍ଷରୁ ତୁର୍କୀକୁ ମେଟୋର କ୍ଷେପଣାସ୍ତ୍ର ବିକ୍ରି: ଗ୍ରୀସର ଅସନ୍ତୋଷ

**ଏଥେନ୍ସ,୨।୨(ଏଜେନ୍ସି):** ତୁର୍କୀକୁ ମେଟୋର କ୍ଷେପଣାସ୍ତ୍ର ବିକ୍ରୟ କରିବାକୁ ଫ୍ରାନ୍ସର ନିଷ୍ପତ୍ତିକୁ ଗ୍ରୀସ୍ ବିରୋଧ କରିଛି । ଗ୍ରୀସର ପ୍ରତିରକ୍ଷା ମନ୍ତ୍ରୀ ନିକୋସ୍ ଡେଣ୍ଡିଆସ୍ ଫ୍ରାନ୍ସର ରାଷ୍ଟ୍ରଦୂତ ଲରେନ୍ସ ଏୟାରଙ୍କୁ ଡକାଇ ଏହି ପ୍ରସଙ୍ଗରେ ନିଜର ଆପତ୍ତି ଜଣାଇ ଏହାସ୍ୱଷ୍ଟୀକରଣ ମାଗିଛନ୍ତି । ତୁର୍କୀ ଏବଂ ଗ୍ରୀସ୍ ଦୀର୍ଘ ସମୟର ପ୍ରତିଦ୍ୱନ୍ଦ୍ୱୀ । ଅନେକ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଛି । ଫ୍ରାନ୍ସରୁ ଗ୍ରୀସ୍ ଅସ୍ତ୍ରଶସ୍ତ୍ର ଗ୍ରହଣ କରୁଛି କିନ୍ତୁ ନିକଟରେ ତୁର୍କୀ ସହିତ ଫ୍ରାନ୍ସ ସହିତ ଅସ୍ତ୍ରଶସ୍ତ୍ର ଚୁକ୍ତି ଉପରେ ଆଲୋଚନା ଚାଲିଛି । ଗ୍ରୀସ୍ ଏଥିରେ ଖୁସି ନୁହଁନ୍ତି। ମେଟୋର କ୍ଷେପଣାସ୍ତ୍ର ହେଉଛି ଏକ ଉନ୍ନତ ବିଭିଆର(ଭିଜୁଆଲ୍ ରେଞ୍ଜର ବାହାରେ) ଏୟାର-ଟୁ-ଏୟାର ମିସାଇଲ୍ । ଏହି କ୍ଷେପଣାସ୍ତ୍ର ଭିଜୁଆଲ୍ ପରିସର ବାହାରେ ଲକ୍ଷ୍ୟକୁ ଛୁଇଁପାରେ । ଏହି କ୍ଷେପଣାସ୍ତ୍ର ବିଷୟରେ ସବୁଠାରୁ ବିଶେଷ କଥା ହେଉଛି ଏହାର ରାମଜେଟ୍ ଇଞ୍ଜିନ୍, ଯାହା ଉଡ଼ାଣ ସମୟରେ ସୁପରସୋନିକ୍ ଗତି ବଜାୟ ରଖିବାରେ ସାହାଯ୍ୟ କରେ । ତୁର୍କୀ ଏହାର ନୂତନ ୟୁରୋଫାଇଟର୍ ଟାଇଫୁନ୍ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ର ସ୍ଥାପନ କରିବାକୁ ଯୋଜନା କରୁଛି। ଗ୍ରୀସ୍ ଭୟ କରୁଛି ଯେ, ଏହି କ୍ଷେପଣାସ୍ତ୍ର ହାସଲ କରିବା ତୁର୍କୀର ବାୟୁ ଶକ୍ତି ବୃଦ୍ଧି କରିବ, ଯାହା ଏହା ପାଇଁ କଷ୍ଟସାଧ୍ୟ ହୋଇପାରେ ।୨୦୨୧ ମସିହାରେ ଏହା ଏବଂ ଫ୍ରାନ୍ସ ମଧ୍ୟରେ ସ୍ୱାକ୍ଷରିତ ପ୍ରତିରକ୍ଷା ଚୁକ୍ତି ବିରୁଦ୍ଧରେ ମଧ୍ୟ ଗ୍ରୀସ୍ କହିଛି। ଏହି ଚୁକ୍ତିରେ ପ୍ରତିରକ୍ଷା ସ୍ୱାର୍ଥ ସହ ଜଡିତ ନିଷ୍ପତ୍ତି ଉପରେ ଉଭୟ ଦେଶ ପରସ୍ପର ପରାମର୍ଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଗ୍ରୀସ୍ ପ୍ରତିରକ୍ଷା ମନ୍ତ୍ରୀ ନିକୋସ୍ ଡେଣ୍ଡିଆସ୍ ସୋସିଆଲ୍ ମିଡିଆ ଏକ୍ସରେ ଲେଖିଛନ୍ତି, ଏହି ସମ୍ଭାବ୍ୟ ବିକ୍ରୟକୁ ମୁଁ ଗ୍ରୀସରେ ଅବସ୍ଥାପିତ ଥିବା ଫ୍ରାନ୍ସ ରାଷ୍ଟ୍ରଦୂତଙ୍କୁ ଜଣାଇଛି । ଏହା ଘନିଷ୍ଠ ରଣନୈତିକ ସମ୍ପର୍କର ବିପରୀତ ଅଟେ ଯାହା ଗ୍ରୀସ୍ ଏବଂ ଫ୍ରାନ୍ସ ମଧ୍ୟରେ ଏପର୍ଯ୍ୟନ୍ତ ଜାରି ରହିଛି।୨୦୨୧ ମସିହାରେ ଗ୍ରୀସ୍ ଏବଂ ଫ୍ରାନ୍ସ ମଧ୍ୟରେ ସ୍ୱାକ୍ଷରିତ ପ୍ରତିରକ୍ଷା ଚୁକ୍ତିରେ ଉଭୟ ଦେଶ ପରସ୍ପରକୁ ସାମରିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ବାଂଲାଦେଶ ନିଜ ଗୋଡ଼ରେ କୁରାଡି ମାରୁଛି

**ଇସଲାମାବାଦ,୨।୨(ଏଜେନ୍ସି):** ବାଂଲାଦେଶ ଏବଂ ପାକିସ୍ତାନ ମଧ୍ୟରେ ସହଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗତ ବର୍ଷ ବାଂଲାଦେଶରେ ଶେଖ ହସିନା ସରକାରଙ୍କ ପତନ ଏବଂ ମହମ୍ମଦ ୟୁନୁସ୍ କ୍ଷମତାକୁ ଆସିବା ପରେ ସେମାନେ ପାକିସ୍ତାନକୁ ପ୍ରାଧାନ୍ୟ ଦେଉଛନ୍ତି । ଉଭୟ ଦେଶ ନୌସେନା ଅଭ୍ୟାସ 'ଅମନ ୨୦୨୫' ରେ ମଧ୍ୟ ଭାଗ ନେବାକୁ ଯାଉଛନ୍ତି । ଏହା ଭାରତ ପାଇଁ ସୁରକ୍ଷା ଚିନ୍ତା ସୃଷ୍ଟି କରୁଥିବାବେଳେ ଏନେଇ ବାଂଲାଦେଶ ପାଇଁ ମଧ୍ୟ ଏକ ସମସ୍ୟା ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହା ବାଂଲାଦେଶ ପାଇଁ ସତର୍କ ଘଣ୍ଟି ହୋଇପାରେ ।ପାକିସ୍ତାନ ସହ ମିଳିତ ହେବାର ଇତିହାସ ପ୍ରତାରଣାରେ ଭରି ରହିଛି ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି । ଢାକା ଏବଂ ଇସଲାମାବାଦ ମଧ୍ୟରେ ବଢୁଥିବା ସମ୍ପର୍କ ଦକ୍ଷିଣ ଏସିଆରେ ଏକ ନୂତନ ଅଧ୍ୟାୟ ଖୋଲିଛି ।କିନ୍ତୁ



ଅସ୍ଥିର ମିଳିତ ଚୁକ୍ତି ଏବଂ ସୁବିଧାବାଦୀ ସହଭାଗୀତାର ପାକିସ୍ତାନର ଇତିହାସ ଏକ ଚେତାବନୀ ବୋଲି ରବିବାର ରାକ୍ଷୀ ରିପୋର୍ଟ କରିଛି । ଆଫଗାନିସ୍ତାନଠାରୁ ଚୀନ୍ ଏବଂ ଆମେରିକା ପର୍ଯ୍ୟନ୍ତ ଇସଲାମାବାଦର ବୈଦେଶିକ ସମ୍ପର୍କ ଅନେକ ସମୟରେ ଭୁଲ ପରିଚାଳନା, ରଣନୈତିକ ଅତ୍ୟଧିକ ଆକାଂକ୍ଷା ଏବଂ ଅପ୍ରତ୍ୟାଶିତ ପରିଣାମର ଶିକାର ହୋଇଛି ।ଦଶନ୍ଧି ଧରି ଆଫଗାନିସ୍ତାନରେ ପାକିସ୍ତାନ ହସ୍ତକ୍ଷେପ କରିଛି । ୧୯୯୦ ଦଶକରେ ଏବଂ ୨୦୨୧ରେ ଆମେରିକା ପ୍ରତ୍ୟାହାର ପରେ ପାକିସ୍ତାନ ତାଲିବାନକୁ ସମର୍ଥନ କରିଥିଲା । ଏହି ପଦକ୍ଷେପଗୁଡିକ କାବୁଲରେ ପାକିସ୍ତାନର ପ୍ରଭାବକୁ ସାମୟିକ ଭାବରେ ବଢାଇ ଦେଇଥିଲା କିନ୍ତୁ ପାକିସ୍ତାନ ସୀମା ମଧ୍ୟରେ ଏହାର ବିପରୀତ ପ୍ରଭାବ ପଡିଥିଲା । ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ କ୍ରମାଗତ ଭାବରେ ଆତଙ୍କବାଦୀ ଆକ୍ରମଣର ସମ୍ମୁଖୀନ ହେଉଛି । ଏହି ଆକ୍ରମଣ ଯୋଗୁଁ ଇସଲାମାବାଦର ନିକଟତମ ସହଯୋଗୀ ବେଜିଂ ମଧ୍ୟ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଉପରେ ଏହାର ପ୍ରଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି । ବାଂଲାଦେଶ ପାଇଁ ପାକିସ୍ତାନ ସହ ମିଳିତ ହେବା ଯୋଗୁ ବିପଦ ସ୍ପଷ୍ଟ ହୋଇଛି । ସୁରକ୍ଷା ଚ୍ୟାଲେଞ୍ଜ ଚୀନ୍-ପାକିସ୍ତାନ ସମ୍ପର୍କକୁ ତିକ୍ତ କରିଦେଇଛି । ଚୀନ୍ ସହିତ ପାରସ୍ପରିକ ଲାଭଦାୟକ ସମ୍ପର୍କକୁ ବାଂଲାଦେଶ ମାପିଚୁପି ବଜାୟ ରଖିଛି । ଏଭଳି ପରିସ୍ଥିତିରେ ଇସଲାମାବାଦ ସହିତ ଅତି ଘନିଷ୍ଠ ହେବା ପୂର୍ବରୁ ସତର୍କ ହେବା ଉଚିତ୍ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି । ଏହା କରିବା ଦ୍ୱାରା ବାଂଲାଦେଶ ପାଇଁ ଅର୍ଥନୈତିକ ଏବଂ ସୁରକ୍ଷା ମଧ୍ୟ ବିପଦରେ ପକାଇବାର ଆଶଙ୍କା ରହିଛି । କାରଣ ପାକିସ୍ତାନର ଆର୍ଥିକ ଅସ୍ଥିରତା ବିଗିଡି ଯାଇଛି ।

# ଆପ୍‌କୁ ଭୋଟ ଦେବାପାଇଁ ବିଜେପି ସମର୍ଥକଙ୍କୁ କେଜ୍ରିଓ୍ୱାଲଙ୍କ ନିବେଦନ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଫେବୃଆରୀ ୫ ତାରିଖରେ ମତଦାନ ହେବ ଏବଂ ଫେବୃଆରୀ ୮ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ଏହି ସମୟରେ, ଆମ ଆଦମୀ ପାର୍ଟି ମୁଖ୍ୟ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ ଏକ ଭିଡିଓ ବାର୍ତ୍ତା ଜାରି କରି ବିଜେପି ସମର୍ଥକମାନଙ୍କୁ ସମ୍ବୋଧିତ କରିଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନ୨୦୨୫କୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି । ଆପ୍ ନେତା ଅରବିନ୍ଦ କେଜ୍ରିଓ୍ୱାଲ ଶନିବାର ବିଜେପି ସମର୍ଥକମାନଙ୍କୁ ରାଜନୀତିକୁ ବାଦ୍ ଦେଇ ଆମ୍ ଆଦମୀ ପାର୍ଟିକୁ ଭୋଟ୍ ଦେବାକୁ ନିବେଦନ କରିଛନ୍ତି । ଭିଡିଓ ଜାରି କରି ସେ କହିଛନ୍ତି, କିଛି ଦିନ ପୂର୍ବେ ମୁଁ ଜଣେ ବିଜେପି ସମର୍ଥକଙ୍କୁ ଭେଟିଥିଲି, ସେ ଅରବିନ୍ଦ ଜୀଙ୍କୁ ପଚାରିଥିଲେ, ଯଦି ଆପଣ ହାରିଯାଆନ୍ତି ତେବେ କ'ଣ ହେବ? ମୁଁ ମଧ୍ୟ ହସି ହସି ପଚାରିଥିଲି, ଯଦି ମୁଁ ହାରିଯାଏ ତେବେ



ଆପଣଙ୍କର କ'ଣ ହେବ ? ମୁଁ ତାଙ୍କୁ ପଚାରିଲି ତାଙ୍କ ପିଲାମାନେ ପଢିବାକୁ କେଉଁଠିକି ଯାଆନ୍ତି । ସେ କହିଲେ, ସରକାରୀ ସ୍କୁଲକୁ, କାରଣ ଏବେ ସ୍କୁଲଗୁଡ଼ିକ ଭଲ ଏବଂ ଶିକ୍ଷକମାନେ ମଧ୍ୟ ଭଲ । ସେ ଆହୁରି କହିଛନ୍ତି, ମୁଁ ସେତେବେଳେ ପଚାରିଥିଲି ଯେ କେଉଁ ବିଜେପି ଶାସିତ ରାଜ୍ୟରେ ଆମଠାରୁ ଭଲ ସ୍କୁଲ ଅଛି, ସେ କହିଲେ - କୌଣସି ରାଜ୍ୟରେ ନାହିଁ । ମୁଁ କହିଥିଲି ଯେ ଯଦି ମୁଁ ଏହି ନିର୍ବାଚନରେ ହାରିଯାଏ ତେବେ ମାଗଣା ବିଦ୍ୟୁତ, ମାଗଣା ପାଣି, ମାଗଣା ସ୍ୱାସ୍ଥ୍ୟସେବା, ମହିଳାଙ୍କ ପାଇଁ ବସଯାତ୍ରା ଏବଂ ଭଲ ଶିକ୍ଷା - ଏସବୁ ବନ୍ଦ ହୋଇଯିବ ଏବଂ ତୁମକୁ ଏଥିପାଇଁ ପ୍ରାୟ ୨୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ମୁଁ ତାଙ୍କୁ କହିଲି ରାଜନୀତି ଏବଂ ବିଜେପି ଭୁଲି ପରିବାର ବିଷୟରେ ଚିନ୍ତା କର । ସେ କହିଲେ - ମୁଁ ଏହି ନିର୍ବାଚନରେ ତୁମକୁ ଭୋଟ ଦେବି କିନ୍ତୁ ମୁଁ ବିଜେପି ଛାଡିବି ନାହିଁ । ମୁଁ ସମସ୍ତ ବିଜେପି ସମର୍ଥକଙ୍କୁ ନିବେଦନ କରୁଛି ଯେ ଯଦି ବିଜେପି କ୍ଷମତାକୁ ଆସେ, ତେବେ ଆମର ସମସ୍ତ ଯୋଜନା ବନ୍ଦ ହୋଇଯିବ । କେଜ୍ରିଓ୍ୱାଲ କହିଛନ୍ତି ଯେ, ଯଦି ଏହା ହୁଏ, ତେବେ ଦିଲ୍ଲୀବାସୀଙ୍କର ପ୍ରାୟ ୨୫୦୦୦ ଟଙ୍କା ଖର୍ଚ୍ଚ ହେବ । ତୁମ ପାଖରେ ଏତେ ଟଙ୍କା ଅଛି କି ? ତୁମର ଭାଇ ହୋଇଥିବାରୁ, ମୁଁ ତୁମକୁ ଅନୁରୋଧ କରୁଛି ଯେ ଏହି ନିର୍ବାଚନରେ ମୋତେ ଭୋଟ ଦିଅ । ମୁଁ ଆପଣଙ୍କୁ ନିବେଦନ କରୁଛି ଯେ ବିଜେପି ଛାଡିବା କି ନାହିଁ ତାହା ଆପଣଙ୍କର ପସନ୍ଦ, କିନ୍ତୁ ଏହି ନିର୍ବାଚନରେ ଆମକୁ ଭୋଟ ଦିଅନ୍ତୁ ।

## ବଢିଲା ସୁନା ଓ ରୁପା ଦର

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଆଜି ବଜେଟ୍ ଉପସ୍ଥାପନ ପୂର୍ବରୁ ସୁନା ଦର ବୃଦ୍ଧି ପାଇଛି । ଏଥର ପୁରୁଣା ସମସ୍ତ ରେକର୍ଡ ଭଙ୍ଗ କରି ଦର ବଢିଛି । ୨୪ କ୍ୟାରେଟ୍ ସୁନାର ଦର ୮୪ ହଜାର ୫୦୦ ୧୩ ଟଙ୍କାରେ ପହଞ୍ଚିଛି । ଭାରତୀୟମାନଙ୍କର ସୁନା କିଣାକୁ ନେଇ ବିଶେଷ ସଉକ ରହିଥିବା ବେଳେ ବର୍ଦ୍ଧିତ ସୁନା ଦର ଏବେ ସଭିଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ସେହିପରି ରୁପା କେଜିର ଦାମ ରହିଛି ୧ ଲକ୍ଷ ୨ ହଜାର ୭୦୦ ଟଙ୍କା । ବଜେଟ୍ ପୂର୍ବରୁ ସୁନା ଓ ରୁପା ବଜାରରେ ନିଆଁ ଲାଗିଛି । ଆଗାମୀ ଦିନରେ ଦର ଆହୁରି ବଢିବ ବୋଲି ଆକଳନ କରାଯାଉଛି । ବଜେଟରେ ସୁନା ଦର ବଢିବ ବୋଲି ପୂର୍ବରୁ ଆକଳନ କରାଯାଉଥିବା ବେଳେ ତାହା ଏବେ ସତରେ ପରିଣତ ହୋଇଛି । ଆଗାମୀ ଦିନରେ ସୁନା ଦର ୧ ଲକ୍ଷ ଟଙ୍କା ଛୁଇଁବ ବୋଲି ଅନୁମାନ କରାଯାଉଛି । ସଂସଦରେ ବହୁ ପ୍ରତୀକ୍ଷିତ ବଜେଟ୍ ଅଧିବେଶନ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତକାଲି ଲୋକସଭା ଓ ରାଜ୍ୟସଭାରେ ଅର୍ଥନୈତିକ ସର୍ଭେ-୨୦୨୫ ଉପସ୍ଥାପନ କରିଥିଲେ ।

## ବିଜେପି ଉପରେ ସଙ୍ଗୀନ ଅଭିଯୋଗ ଆଣିଲେ କେଜ୍ରିଓ୍ୱାଲ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଦିଲ୍ଲୀରେ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ସମସ୍ତ ଦଳର ପ୍ରଚାର ଜୋରସୋରରେ ଚାଲିଛି । ଏହି ସମୟରେ, ଆମ ଆଦମୀ ପାର୍ଟି (ଆପ) ବିଜେପି ବିରୁଦ୍ଧରେ ଏକ ବଡ଼ ଅଭିଯୋଗ ଆଣିଛି ଏବଂ କହିଛି ଯେ ପ୍ରଚାର ସମୟରେ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରରେ ସେମାନଙ୍କର ପ୍ରଚାର ଗାଡ଼ି ଭଙ୍ଗାଯାଇଥିଲା । ଆପର ଜାତୀୟ ସଂଯୋଜକ ଅରବିନ୍ଦ କେଜରିଓ୍ୱାଲ ସୋସିଆଲ ମିଡିଆରେ ଲେଖିଛନ୍ତି, ଅମିତ ଶାହଙ୍କ ଗୁଣ୍ଡାମାନେ ଆମ କର୍ମୀମାନଙ୍କୁ ମଧ୍ୟ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି । ସେ ସେହି ପୋଷ୍ଟକୁ ମଧ୍ୟ ଟ୍ୟାଗ୍ କରିଛନ୍ତି ଯେଉଁଥିରେ ଆପ ଲେଖିଥିଲା, ପ୍ରଚାର ବନ୍ଦ କରିବା ପାଇଁ ବିଜେପି ଗୁଣ୍ଡାମାନେ ସମଗ୍ର ଦିଲ୍ଲୀରେ ହିଂସା କରୁଛନ୍ତି । ବିଜେପି ଗୁଣ୍ଡାମାନେ ସମଗ୍ର ଦିଲ୍ଲୀରେ ଆତଙ୍କ ସୃଷ୍ଟି କରୁଛନ୍ତି, ଆପ କର୍ମୀଙ୍କ ପ୍ରଚାର ସାମଗ୍ରୀ ଛଡ଼ାଇ ନେଉଛନ୍ତି, ଏଲଇଡି ସ୍କ୍ରିନ୍ ଥିବା ଗାଡି ଉପରେ ଆକ୍ରମଣ କରୁଛନ୍ତି । ସେ ଆହୁରି ଅଭିଯୋଗ କରିଛନ୍ତି, କିନ୍ତୁ ଦିଲ୍ଲୀ ପୁଲିସ ଏବଂ ନିର୍ବାଚନ କମିଶନ ଅମିତ ଶାହଙ୍କ ନିୟନ୍ତ୍ରଣରେ କାମ କରୁଛନ୍ତି । ଶାହାଙ୍କ ଇଙ୍ଗିତରେ, ସେମାନେ ଚୁପ୍ ବସିଛନ୍ତି ଏବଂ କେବଳ ଦର୍ଶକ ସାଜିଛନ୍ତି । ଦିଲ୍ଲୀର ଲୋକମାନେ ବିଜେପିକୁ ପରାସ୍ତ କରି ଏହି ଗୁଣ୍ଡାଗିରି ଏବଂ ହିଂସା ପାଇଁ ଏକ ଶିକ୍ଷା ଦେବେ ।ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ ଅନ୍ୟ ଏକ ପୋଷ୍ଟରେ ଲେଖିଛନ୍ତି, କେହି ଭାବି ନ ଥିଲେ ଯେ ଦିଲ୍ଲୀରେ ଏପରି ଖୁଲମଖୁଲା ଗୁଣ୍ଡାଗର୍ଦ୍ଦି ଦେଖିବାକୁ ମିଳିବ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶିଙ୍କ ପୋଷ୍ଟକୁ ମଧ୍ୟ ଟ୍ୟାଗ୍ କରିଛନ୍ତି । ଏହି ପୋଷ୍ଟରେ, ମୁଖ୍ୟମନ୍ତ୍ରୀ ଅତିଶି ଲେଖିଛନ୍ତି, ଦିଲ୍ଲୀରେ ଗୁଣ୍ଡାଗିରି ତାର ସୀମାରେ ପହଞ୍ଚିଛି । ନିର୍ବାଚନରେ ପରାଜୟର ହତାଶା ଯୋଗୁଁ, ବିଜେପି କର୍ମୀମାନେ ଏବେ ପ୍ରତ୍ୟେକ ରାସ୍ତାରେ ଗୁଣ୍ଡାଗିରିରେ ଲିପ୍ତ ହେଉଛନ୍ତି ।

## ପାକିସ୍ତାନ, ଇଣ୍ଡୋନେସିଆର ଜନସଂଖ୍ୟା ତୁଳନାରେ ଅଧିକ ଲୋକ ବୁଡ଼ ପକାଇ ସାରିଲେଣି ମହାକୁମ୍ଭରେ

**ପ୍ରୟାଗରାଜ,୨।୨(ଏଜେନ୍ସି):** ଜାନୁଆରୀ ୧୩ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ୩୧.୪୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପୃଥିବୀର ୧୯୫ଟି ଦେଶ ମଧ୍ୟରୁ ୧୯୨ଟି ଦେଶର ଜନସଂଖ୍ୟା ୩୦ କୋଟିରୁ କମ୍ । ଏହି ସବୁ ଦେଶର ତାଲିକାରେ ପାକିସ୍ତାନ ମଧ୍ୟ ସାମିଲ ରହିଛି । ଇଣ୍ଡୋନେସିଆ ଏବଂ ପାକିସ୍ତାନ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଚତୁର୍ଥ ଏବଂ ପଞ୍ଚମ ବୃହତ୍ତମ ଦେଶ, ଉଭୟଙ୍କ ଜନସଂଖ୍ୟା ୩୦ କୋଟିରୁ କମ୍ । ସେପଟେ ମାତ୍ର ୧୯ ଦିନ ମଧ୍ୟରେ ପାକିସ୍ତାନର ଜନସଂଖ୍ୟା ଠାରୁ ଅଧିକ ଶ୍ରଦ୍ଧାଳୁ ଏହି ସଙ୍ଗମସ୍ଥଳରେ ସ୍ନାନ କରିଛନ୍ତି । ବସନ୍ତ ପଞ୍ଚମୀ ବେଳକୁ ୩୫ କୋଟି ଶ୍ରଦ୍ଧାଳୁ ସ୍ନାନ କରିପାରିବେ । ଇଣ୍ଡୋନେସିଆର ଜନସଂଖ୍ୟା ୨୮ କୋଟି ଥିବା ବେଳେ ପାକିସ୍ତାନର ଜନସଂଖ୍ୟା ୨୫.୩୫ କୋଟି । ସଙ୍ଗମରେ ସ୍ନାନ କରୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଆଧାର କରି ଅନୁମାନ କରାଯାଏ ଯେ ତୃତୀୟ ସାହିସ୍ନାନ ବେଳକୁ ସ୍ନାନ କରୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩୫ କୋଟିରେ ପହଞ୍ଚିପାରେ । ଯଦି ଏହା ହୁଏ, ତେବେ ସଙ୍ଗମରେ ଗାଧୋଇବାକୁ ଯାଉଥିବା ଲୋକଙ୍କ ସଂଖ୍ୟା ଯୁକ୍ତରାଷ୍ଟ୍ର ଆମେରିକାର ଜନସଂଖ୍ୟାଠାରୁ ଅଧିକ ହେବ । ସୂଚନାଯୋଗ୍ୟ, ବିଶ୍ୱର ତୃତୀୟ ସର୍ବାଧିକ ଜନବହୁଳ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ଜନସଂଖ୍ୟା ୩୪.୬୪ କୋଟି । ମହାକୁମ୍ଭ ୨୦୨୫ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସରକାର ଦାବି କରିଥିଲେ ଯେ ଏଥର ପ୍ରୟାଗରାଜରେ ୪୦ କୋଟିରୁ ଅଧିକ ଲୋକ ପହଞ୍ଚିପାରିବେ । ସୂଚନାଯୋଗ୍ୟ, ମହାକୁମ୍ଭ ଫେବ୍ରୁଆରି ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଫେବ୍ରୁଆରି ୩ରେ ବସନ୍ତ ପଞ୍ଚମୀ, ଫେବ୍ରୁଆରି ୧୨ରେ ମାଘୀ ପୂର୍ଣ୍ଣିମା ଓ ଫେବ୍ରୁଆରି ୨୬ରେ ମହାଶିବରାତ୍ରୀରେ ସ୍ନାନ ହେବ । ଫେବ୍ରୁଆରି ୨୬ ସୁଦ୍ଧା ପ୍ରାୟ ୧୨ରୁ ୧୫ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିପାରନ୍ତି ବୋଲି ଆକଳନ କରାଯାଇଛି ।

# ୬.୮୧ ଲକ୍ଷ କୋଟିକୁ ବଢିଲା ପ୍ରତିରକ୍ଷା ବଜେଟ୍

## ସେନା ହେବ ଆହୁରି ଶକ୍ତିଶାଳୀ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ରେକର୍ଡ ୬.୮୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା କି ପୂର୍ବ ବର୍ଷ ତୁଳନାରେ ୯.୫୩% ଅଧିକ । ଏହି ରାଶି ଦେଶର ଆନୁମାନିକ ଜିଡିପିର ୧.୯୧ ପ୍ରତିଶତ। ୬.୮ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ବଜେଟ୍ ମଧ୍ୟରୁ ୧.୮ ଲକ୍ଷ କୋଟି ଟଙ୍କା ପୁଞ୍ଜି ବ୍ୟୟ ପାଇଁ ଆବଣ୍ଟନ କରାଯାଇଛି । ଅର୍ଥାତ ଏହି ଅର୍ଥନୂଆ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧ ଜାହାଜ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ କିଣିବାରେ ବ୍ୟବହୃତ ହେବ । ୬.୮ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ବଜେଟ୍ ମଧ୍ୟରୁ ୧.୮ ଲକ୍ଷ କୋଟି ଟଙ୍କା ପୁଞ୍ଜି ବ୍ୟୟ ପାଇଁ ଆବଣ୍ଟନ କରାଯାଇଛି । ଅର୍ଥାତ ଏହି ଅର୍ଥନୂଆ ଅସ୍ତ୍ରଶସ୍ତ୍ର, ବିମାନ, ଯୁଦ୍ଧ ଜାହାଜ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ କିଣିବାରେ ବ୍ୟବହୃତ ହେବ । ସଶସ୍ତ୍ର ବାହିନୀ ପାଇଁ ପୁଞ୍ଜି ବଜେଟ୍ ଅଧୀନରେ ୧.୮୦ ଲକ୍ଷ



କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ବଜେଟରେ ସେନାର ଆଧୁନିକୀକରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର । ଘରୋଇ ଶିଳ୍ପରୁ କ୍ରୟ ପାଇଁ ୧.୧୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରତିରକ୍ଷା ଭତ୍ତା ପାଇଁ ଆବଣ୍ଟନ ୧୪% ବୃଦ୍ଧି କରାଯାଇଛି । ଇସିଏଚ୍‌ଏସ୍ ପାଇଁ ୮,୩୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ବଜେଟରେ ୧୨% ବୃଦ୍ଧି ଘଟିଛି । ଆଇସିଜି ପାଇଁ ପୁଞ୍ଜି ବଜେଟରେ ୪୩% ବୃଦ୍ଧି ଘଟିଛି । କ୍ୟାପିଟାଲ ହେଡ୍ ଅଧୀନରେ ବିଆରଓକୁ ୭,୧୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି ।୨୦୨୪-୨୫ ବଜେଟରେ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୬.୨୧ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା । ଏହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୪.୭୯ ପ୍ରତିଶତ ଅଧିକ ଥିଲା ।

# ପାକିସ୍ତାନକୁ ତାଲିବାନର ଧମକ

**କାବୁଲ,୨।୨(ଏଜେନ୍ସି):** ଆତଙ୍କବାଦ ପ୍ରସଙ୍ଗରେ ଆଫଗାନିସ୍ତାନର ତାଲିବାନ ସରକାର ପାକିସ୍ତାନକୁ ଧମକ ଦେଇଛନ୍ତି । ପାକିସ୍ତାନ ବାରମ୍ବାର କହୁଛି ଯେ, ଆତଙ୍କବାଦୀମାନେ ଆଫଗାନିସ୍ତାନରେ ଆଶ୍ରୟ ନେଉଛନ୍ତି । ଏବେ ତାଲିବାନ ଦ୍ୱାରା ପାକିସ୍ତାନ ଉପରେ ମଧ୍ୟ ସମାନ ଅଭିଯୋଗ କରାଯାଇଛି । ତାଲିବାନ କହିଛି ଯେ, ଆଫଗାନିସ୍ତାନକୁ ଅସ୍ଥିର କରିବା ପାଇଁ ପାକିସ୍ତାନ କାର୍ଯ୍ୟ କରୁଛି । ଏଥିପାଇଁ ସେ ଆଫଗାନିସ୍ତାନରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ବେଆଇନ ଭାବେ ନିଶା କାରବାର ପଠାଉଛନ୍ତି । ଦି ସଣ୍ଡେ ଗାର୍ଡିୟାନ ଅନୁଯାୟୀ ତାଲିବାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସୁରକ୍ଷା ଏବଂ କ୍ଲିୟରାନ୍ସ ବ୍ୟାପାର କେନ୍ଦ୍ରୀୟ ଆୟୋଗ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଛି । ଏହି ରିପୋର୍ଟରେ ପାକିସ୍ତାନର ଭୂମିକାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ଆତଙ୍କବାଦ ଏବଂ ଡ୍ରଗ୍ସ କାରବାର ମାଧ୍ୟମରେ ପାକିସ୍ତାନ ଆଫଗାନିସ୍ତାନର ସୁରକ୍ଷାକୁ କ୍ଷୁର୍ଣ୍ଣ କରୁଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଆଫଗାନିସ୍ତାନର ଭାବମୂର୍ତ୍ତିକୁ ଖରାପ କରିବାକୁ ଏବଂ ଡ୍ରଗ୍ସ ବିରୋଧରେ ଲଢେଇକୁ ଦୁର୍ବଳ କରିବାକୁ ପାକିସ୍ତାନ ଚେଷ୍ଟା କରୁଛି ।ତାଲିବାନ ପ୍ରତିରକ୍ଷା ମନ୍ତ୍ରଣାଳୟର ରିପୋର୍ଟରେ ଆଫଗାନିସ୍ତାନ ବିରୋଧରେ ପାକିସ୍ତାନ ପକ୍ଷରୁ ଷଡଯନ୍ତ୍ର ହେଉଥିବା କୁହାଯାଇଛି । ରିପୋର୍ଟ ଅନୁଯାୟୀ, ଡ୍ରଗ୍ସ ତିଆରିରେ ବ୍ୟବହୃତ ରାସାୟନିକ ପଦାର୍ଥ ପାକିସ୍ତାନରୁ ଆଫଗାନିସ୍ତାନକୁ ଚୋରା ଚାଲାଣ କରାଯାଉଛି । ପାକିସ୍ତାନର ବାଲୁଚିସ୍ତାନର ଅର୍ଣ୍ଣାଇ, ଲୋର୍ଲାଇ ଏବଂ ଗୁଲିସ୍ତାନ ପରି ଅଞ୍ଚଳରେ ଅଫିମ ଚାଷ କରାଯାଇଥାଏ । ଡ୍ରଗ୍ସ କାରବାରକୁ ପ୍ରୋତ୍ସାହିତ କରୁଥିବା ନେଇ ଆଫଗାନିସ୍ତାନ ବିରୋଧରେ ଅନେକ ସମୟରେ ମିଥ୍ୟା ଅଭିଯୋଗ କରାଯାଇଥାଏ । ବାସ୍ତବରେ ଏହି ବ୍ୟବସାୟ ପାକିସ୍ତାନରେ ହୋଇଥାଏ ବୋଲି ତାଲିବାନ କହିଛି । ଏହି ରିପୋର୍ଟରେ କୁହାଯାଇଛି ଯେ, ପାକିସ୍ତାନ ଆତଙ୍କବାଦୀ ଗୋଷ୍ଠୀଙ୍କୁ ନିଜର ଆଦିବାସୀ ଅଞ୍ଚଳରେ ଆଶ୍ରୟ ଦେଇ ତାଲିମ ଦେଉଛି । ତାଲିବାନ କହିଛି ଯେ ଆଫଗାନିସ୍ତାନରେ ଦୁର୍ବଳ ହୋଇଥିବା ଗୋଷ୍ଠୀଙ୍କୁ ବର୍ତ୍ତମାନ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ବାଲୁଚିସ୍ତାନ ଅଞ୍ଚଳରେ ଆଶ୍ରୟ ଦିଆଯାଇଛି । ଏହି ଆତଙ୍କବାଦୀଙ୍କୁ କରାଚି ଏବଂ ଇସଲାମାବାଦ ବିମାନବନ୍ଦର ଦେଇ ପାକିସ୍ତାନ ଅନ୍ୟ ସ୍ଥାନକୁ ପଠାଉଛି । ତାଲିବାନ ଦାବି କରିଛି ଯେ, ଆଫଗାନିସ୍ତାନରେ ହୋଇଥିବା ହିଂସା ପାଇଁ ଦାୟୀ ଅନେକ ଆକ୍ରମଣକାରୀ ବିଦେଶୀ ନାଗରିକ। ଏଥିମଧ୍ୟରୁ ବହୁ ସଂଖ୍ୟାରେ ପାକିସ୍ତାନୀ ଅଛନ୍ତି । ଏହି ରିପୋର୍ଟରେ ଆହୁରି ମଧ୍ୟ ଜୋର୍ ଦିଆଯାଇଛି ଯେ, ଆଫଗାନିସ୍ତାନ ବାହାରେ ବିଶେଷ କରି ପାକିସ୍ତାନରେ ଅଧିକାଂଶ ଆକ୍ରମଣ ଯୋଜନା କରାଯାଇଛି। ତାଲିବାନ ଦାବି କରିଛି ଯେ, ପାକିସ୍ତାନରେ ଆଶ୍ରୟ ନେଉଥିବା ଆତଙ୍କବାଦୀ ଗୋଷ୍ଠୀ ବିଦେଶୀ ପୁଞ୍ଜି ବିନିଯୋଗକୁ ବନ୍ଦ କରିବା ଏବଂ ଆଫଗାନିସ୍ତାନର ଆର୍ଥିକ ବିକାଶକୁ ବାଧା ଦେବା ପାଇଁ କାର୍ଯ୍ୟ କରୁଛନ୍ତି ।

# ଦିଲ୍ଲୀରେ ବଡଧରଣର ଦୁର୍ନୀତି ହୋଇଛି

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଦିଲ୍ଲୀରେ ବଡଧରଣର ଦୁର୍ନୀତି ହୋଇଛି । ଅନୁରାଗ ଠାକୁରଅନୁରାଗ ଠାକୁର ମୁସ୍ତାଫାବାଦ ଏବଂ ଘୋଣ୍ଡା ନିର୍ବାଚନମଣ୍ଡଳୀରେ ପ୍ରଚାର ପାଇଁ ପହଞ୍ଚିଥିଲେ । ଏହି ସମୟରେ, ସେ ତାଙ୍କ ଭାଷଣରେ ଅଭିଯୋଗ କରିଥିଲେ ଯେ ଅରବିନ୍ଦ କେଜରିଓ୍ୱାଲଙ୍କ ସରକାର ଦିଲ୍ଲୀକୁ ଲୁଟିବା ପାଇଁ ତାଙ୍କ ଦଳର ନେତାମାନଙ୍କୁ ମୁକ୍ତ ହାତ ଦେଇଛନ୍ତି । ସେ ଦାବି କରିଥିଲେ ଯେ ଆମ ଆଦମୀ ପାର୍ଟି ସରକାରଙ୍କ କାର୍ଯ୍ୟକାଳରେ ଅନେକ ଘୋଟାଲା ହୋଇଛି । ସେ ତାଙ୍କ ଅଭିଯୋଗରେ ଦିଲ୍ଲୀ ଜଳ ବୋର୍ଡ, ଶ୍ରେଣୀଗୃହ ନିର୍ମାଣ ପ୍ରକଳ୍ପ, ମଦ ନୀତି, ଦିଲ୍ଲୀ ପରିବହନ ନିଗମ ଏବଂ ହାଓ୍ୱାଲା କାରବାରରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଶୀଶ ମହଲଠାରୁ ମଦ ଦୁର୍ନୀତି ପର୍ଯ୍ୟନ୍ତ, ସିଏଜି ରିପୋର୍ଟରେ ଆମ ଆଦମୀ ପାର୍ଟିର ସମସ୍ତ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପର



ପର୍ଦ୍ଦାଫାସ ହୋଇଛି । ଆମ ଆଦମୀ ପାର୍ଟି ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ଅନୁରାଗ କହିଛନ୍ତି ଯେ ଦଳ ସ୍କୁଲ ବଦଳରେ ମଦ ଦୋକାନ ନିର୍ମାଣ କରିଛି। ଆପଣଙ୍କୁ କହିରଖୁଛୁ ଯେ ଏହି ନିର୍ବାଚନରେ ବିଜେପି ଏବଂ କଂଗ୍ରେସ ଉଭୟ ଆମ ଆଦମୀ ପାର୍ଟି ଉପରେ ଜୋରଦାର ଆକ୍ରମଣ କରିବାରେ ବ୍ୟସ୍ତ ଅଛନ୍ତି । ଏହି ସମୟରେ ଆମ ଆଦମୀ ପାର୍ଟିକୁ ମଧ୍ୟ ଶକ୍ତ ଝଟକା ଲାଗିଛି ପ୍ରକୃତରେ, ସାତ ଜଣ ବିଧାୟକଙ୍କ ପରେ, ଏବେ ୮ମ ବିଧାୟକ ଇସ୍ତଫା ଦେଇଛନ୍ତି । ମାଦିପୁରର ଆମ ଆଦମୀ ପାର୍ଟି ବିଧାୟକ ଗିରିଶ ସୋନି ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ଏହା ପୂର୍ବରୁ ଏପର୍ଯ୍ୟନ୍ତ ୭ ଜଣ ବିଧାୟକ ଇସ୍ତଫା ଦେଇସାରିଛନ୍ତି । ମୋଟ ୮ ଜଣ ବିଧାୟକଙ୍କ ଇସ୍ତଫା ଦେବା ଦଳ ପାଇଁ ନୂତନ ସମସ୍ୟା ସୃଷ୍ଟି କରିଛି । କୁହାଯାଉଛି ଯେ ଅଁମ ଅଁଦମୀ ପାର୍ଟିର ଏହି ବିଧାୟକମାନେ ନିର୍ବାଚନରେ ଟିକେଟ୍ ନ ପାଇବାରୁ ରାଗି ଯାଇଥିଲେ ।

## ବିଜେପିରେ ସାମିଲ ହେଲେ ଆପ୍ ଛାଡି ଥିବା ୮ ବିଧାୟକ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆପକୁ ବଡ଼ ଝଟକା । ଝାଡୁ ଛାଡ଼ି ଏବେ ପଦ୍ମ ପ୍ରେମରେ ପଡ଼ିଛନ୍ତି ଦଳୀୟ ବିଧାୟକ ଓ ନେତା । ସେଥିପାଇଁ ତ ଗତକାଲି ଆପରୁ ଇସ୍ତଫା ଦେଇଥିବା ସମସ୍ତ ୮ ଜଣ ବିଧାୟକ ବିଜେପିରେ ମିଶିଛନ୍ତି । ଇସ୍ତଫା ଦେବାର ୨୪ ଘଣ୍ଟା ନପୁରୁଣୁ ବିଜେପି ଶିବିରରେ ଯାଇ ସାମିଲ ହୋଇଛନ୍ତି । ଏଥିରୁ ଜଣାପଡୁଛି ଦିଲ୍ଲୀରେ ଏଥର ବିଧାନସଭା ନିର୍ବାଚନ ବେଶ ଟକ୍କର ହେବ । କାହିଁକି ନା ଏବେ ଦଳୀୟ ନେତା ମନ୍ତ୍ରୀମାନେ ଏବେ ଆପ ପାଖରୁ ମୁହଁ ବୁଲେଇବା ଆରମ୍ଭ କଲେଣି। ତେବେ ଦିଲ୍ଲୀ ନିର୍ବାଚନ ଏବେ ବେଶ ସରଗରମ ହେବାରେ ଲାଗିଛି । ଗତ କାଲି ସଂଧ୍ୟାରେ ଆପରୁ ଇସ୍ତଫା ଦେଇଥିବା ବିଧାୟକ ଏବେ ବିଜେପିରେ ମିଶିଛନ୍ତି । ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସମସ୍ତ ୮ଜଣ ବିଧାୟକ ପଦ୍ମ ଧରିଛନ୍ତି । ଏଥିରୁ ଜଣାପଡୁଛି ଚଳିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ଆଉ ବିଜେପି ମଧ୍ୟରେ କଡ଼ା ଟକ୍କର ହୋଇପାରେ । ଯେହେତୁ ଆପ ନେତା ଦଳ ଛାଡୁଛନ୍ତି ତେଣୁ ଲୋକସଭା ନିର୍ବାଚନ ପରି ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ବି ସସପେନ୍ସ ଆଣିପାରେ । ଯଦି ଦେଖିବା ଦଳ ଛାଡ଼ିଥିବା ବିଧାୟକ ଆପ ନାଁରେ ସାଂଘାତିକ ଅଭିଯୋଗ ଆଣିଥିଲେ । ଆପରେ ଦୁର୍ନୀତି ଚାଲିଛି ବୋଲି କହିଥିଲେ ବିଧାୟକ ।ପୂର୍ବରୁ ଯେଉଁ ଆରୋପରେ ଆପ ମୁଖିଆ ଅରବିନ୍ଦ କେଜ୍ରିଓ୍ୱାଲ ଜେଲ୍ ଯାଇଥିଲେ । ଏବେ ସେହି ଆରୋପ ଆଣିଛନ୍ତି ଦଳ ଛାଡିଥିବା ବିଧାୟକ ।

## ୧୯ ବର୍ଷରୁ କମ ମହିଳା ବିଶ୍ୱକପ୍

# ଭାରତ କ୍ରମାଗତ ବିଶ୍ୱ ଚାମ୍ପିଅନ୍

କୁଆଲାଲମ୍ପୁର: ସାତ ମାସ ମଧ୍ୟରେ ଭାରତ ଦ୍ୱିତୀୟ ବିଶ୍ୱକପ ଜିତିଛି। ଭାରତୀୟ ଅଣ୍ଡର -୧୯ ମହିଳା ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇ ଫାଇନାଲରେ ପ୍ରବେଶ କରି ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ପରାସ୍ତ କରି ଇତିହାସ ରଚିଛନ୍ତି। ଭାରତୀୟ ବୋଲରମାନେ ଫାଇନାଲରେ ଚମତ୍କାର ବୋଲିଂ କରିଥିଲେ। ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକା ଦଳକୁ ୨୦ ଓଭରରେ ୮୨ ରନ୍ ସଂଗ୍ରହ କରିବାର ସୁଯୋଗ ଦେଇଥିଲେ। ଏହା ପରେ ଗୋଙ୍ଗାଡି ତ୍ରିସାଙ୍କର ବିସ୍ଫୋରକ ଇନିଂସ ଯୋଗୁ ଟିମ୍ ଇଣ୍ଡିଆ ୯ ୱିକେଟରେ ଜିତିଛି।

ଭାରତୀୟ ମହିଳା ଅଣ୍ଡର-୧୯ କ୍ରିକେଟ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଟାଇଟଲ ଜିତିଛି। ଏହି ଟୁର୍ନାମେଣ୍ଟ ୨୦୨୩ରେ ଆରମ୍ଭ ହୋଇଥିଲା ଏବଂ ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌ରେ ଜିତିଥିଲା। ଶେଫାଳି ବର୍ମା ସେତେବେଳେ ଟିମ୍ ଇଣ୍ଡିଆର ଅଧିନାୟକ ଥିଲେ। ବର୍ତ୍ତମାନ, ଦୁଇ ବର୍ଷ ପରେ, ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ, ନିକ୍କି ପ୍ରସାଦଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇଛି।







ପ୍ରଥମେ ଟସ୍ ଜିତିବା ଏବଂ ବ୍ୟାଟିଂ କରିବା ପରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮୨ ରନ୍ କରିଥିଲା ଏହାର ଜବାବରେ ଟିମ୍ ଇଣ୍ଡିଆ ୧୧.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଫାଇନାଲରେ ଗୋଙ୍ଗଡି ତ୍ରିସା ଏକ ଅଲରାଉଣ୍ଡର ପ୍ରଦର୍ଶନ ଦେଇଥିଲେ ତିନୋଟି ୱିକେଟ୍ ନେବା ସହିତ ସେ ଅପରାଜିତ ୪୪ ରନ୍ ମଧ୍ୟ କରିଥିଲେ।

କୁଆଲାଲମ୍ପୁରର ବେମାସ୍ ଓଭାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଅଧିନାୟକ ରେନେକେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ତେବେ ତାଙ୍କ ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହୋଇଥିଲା। ଦଳର ଆରମ୍ଭ ଖରାପ ହୋଇଥିଲା। ଦ୍ୱିତୀୟ ଓଭରରେ ସାଇମନ୍ ଲରେନ୍ସଙ୍କ ରୂପରେ ଦକ୍ଷିଣ ଆଫ୍ରିକା ଦଳ ଏହାର ପ୍ରଥମ ଝଟକା ପାଇଥିଲା। ପାରୁନିକା ସିସୋଡିଆ। ତାଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଏହାପରେ ସିମୋନ ଖାତା ଖୋଲିପାରି ନଥିଲେ।

ଏହା ପରେ ଚତୁର୍ଥ ଓଭରରେ ଶବନମ ଶକିଲ କମଲିନିଙ୍କ ଦ୍ୱାରା ଜେଜେ ବୋଥାଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ ଜେମା ତିନିଟି ଚେକା ସହାୟତାରେ ୧୪ବଲରେ ୧୬ ରନ୍ ସଂଗ୍ରହ କରିଥିଲେ ପଞ୍ଚମ ଓଭରରେ ୨୦ ସ୍କୋରରେ ଦକ୍ଷିଣ ଆଫ୍ରିକାକୁ ତୃତୀୟ ଝଟକା ମିଳିଥିଲା। ଆୟୁଷ ଶୁକ୍ଲା ଡାଏରା ରାମଲକାନଙ୍କୁ ବୋଲ୍ଡ କରିଥିଲେ ସେ ତିନି ରନ୍ ସ୍କୋର କରିଥିଲେ।

ଏହା ପରେ କାୟଲା ରେଇନେକେ ଏବଂ କରାବୋ ମ୍ୟାସେଓ ଚତୁର୍ଥ ୱିକେଟ୍ ପାଇଁ ୨୦ ରନ୍ ଭାଗିଦାରୀ କରିଥିଲେ। ଏହି ସହଭାଗିତା ଗୋଙ୍ଗଡି ତ୍ରିସା ଭାଙ୍ଗିଥିଲେ। ସେ ପାରୁନିକା ଦ୍ୱାରା ରେନେକେଙ୍କୁ କ୍ୟାଚ୍ ଆଉଟ୍ କରିଥିଲେ। ରେଇନେକେ ୨୧ ବଲରେ ସାତ ରନ୍ ସ୍କୋର କରିଥିଲେ। ଏହା ପରେ ଆୟୁଷ ଶୁକ୍ଲା ମେସୋ ବୋଲିଂ କରିଥିଲେ ସେ ୨୬ ବଲରେ ୧୦ ରନ୍ ସ୍କୋର କରିଥିଲେ। ଏହା ପରେ ଗୋଙ୍ଗାଡି ତ୍ରିସା ମାଇକ ୱାନ୍ ଭୋର୍ଷ୍ଟ ଏବଂ ସେଶନି ନାୟୁଡୁଙ୍କୁ ମଧ ଆଉଟ୍ କରିଥିଲେ ମାଇକ ୧୮ ବଲରେ ୨୩ ରନ୍ ସ୍କୋର କରିଥିଲେ ଯେତେବେଳେ ସେଶନି ଖାତା ଖୋଲିପାରି ନଥିଲେ।

ବୈଷ୍ଣବ ଶର୍ମା ଫାୟ କ୍ରୋଲିଂଙ୍କୁ ୧୫ରେ ଆଉଟ୍ କରିଥିବାବେଳେ ମୋନାଲିସା ଲେଗୋଡିଙ୍କୁ ଶୂନରେ ପାଭିଲିୟନକୁ ପଠାଇଥିଲେ। ପାରୁନିକା ଇନିଂସର ଶେଷ ବଲରେ ଆସ୍ଲି ୱାନିକୁ ଆଉଟ୍ କରିଥିଲେ। ଆଶଲି ଖାତା ଖୋଲିପାରି ନଥିଲେ। ଦକ୍ଷିଣ ଆଫ୍ରିକା ଦଳର ଚାରିଜଣ ଖେଳାଳି ବିନା ସ୍କୋରରେ ଆଉଟ୍ ହୋଇଥିଲେ। ଭାରତ ପାଇଁ ଗୋଙ୍ଗାଡି ସର୍ବାଧିକ ତିନି ୱିକେଟ୍ ନେଇଥିଲେ ଯେଉଁଠାରେ ପାରୁନିକା ସିସୋଡିଆ, ଆୟୁଷ ଶୁକ୍ଲା ଏବଂ ବେଷ୍ଣବ ଶର୍ମା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ଶବନମ ଶକିଲ ଗୋଟିଏ ୱିକେଟ୍ ପାଇଥିଲେ।

ଗତ ବର୍ଷ ଜୁନ୍ ମାସରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିବା ପରେ ମାତ୍ର ୭ ମାସ ବିତିଗଲାଣି ଭାରତୀୟ ଦଳ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ପୁରୁଷ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲେ। ସେହି ମ୍ୟାଚ୍‌ରେ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରିଛି ଗତ ୭ ମାସ ମଧ୍ୟରେ ଭାରତ ଜିତିଥିବା ଏହା ହେଉଛି ଦ୍ୱିତୀୟ ବିଶ୍ୱକପ।

ଏହି ବିଜୟ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡ଼ିଆ। ଏକ୍ସରେ ଭାରତୀୟ ଦଳଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି, ଆମର ଭାରତୀୟ ମହିଳା ଅଣ୍ଡର-୧୯ ଦଳ ଆଇସିସି ଅଣ୍ଡର-୧୯ ଟି-୨୦ ବିଶ୍ୱକପ ୨୦୨୫ ଜିତିଛି। ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ନିଷ୍ଠାପର ମନୋଭାବ ଦେଶକୁ ଗର୍ବିତ କରିଛି। ଏହି ବିଜୟ ଆମ ଝିଅମାନଙ୍କର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରମାଣ ଏହା ପ୍ରମାଣ କରେ ଯେ, ଭାରତୀୟ ମହିଳା କ୍ରିକେଟ୍‌ର ଭବିଷ୍ୟତ ପୂର୍ବ ଅପେକ୍ଷା ଅଧିକ ଉଜ୍ଜଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୩୨ ତମ ରାଜ୍ୟ ସ୍ତରୀୟ ଶାରଳା କପ୍

## କୁମାରବସ୍ତ ଖୋର୍ଦ୍ଧା ଚମ୍ପିୟାନ



କାକଟପୁର /ଅସ୍ତରଙ୍ଗ, ୨।୨ :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛପଡିଅ। ନରେନ୍ଦ୍ର ଷ୍ଟାଡିୟମ ରେ ୩୨ତମ ଶାରଳା କପ୍ ମେଘା ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ ବନାମ କୁମାରବସ୍ତ ଖୋର୍ଦ୍ଧା ପ୍ରଥମେ ଟସ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ ବୋଲିଂ ପାଇଁ ନିଷ୍ପତି ନେଇଥିଲା। ଏହାର ଜବାବ ରେ କୁମାରବସ୍ତ ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରିଥିଲା। କୁମାରବସ୍ତ ଖୋର୍ଦ୍ଧା ନିର୍ଦ୍ଧାରିତ ୨୦ଓଭର ରେ ୯ଉଇକେଟ ହରାଇ ୧୮୧ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୦ବଲ ରୁ ୫୦ ରନ କରିଥିଲେ ।ଢେଙ୍କାନାଳ ତରଫରୁ ମଳୟ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଏହାର ଜବାବ ରେ ଢେଙ୍କାନାଳ କ୍ରିକେଟ କ୍ଲବ ୧୮୨ରନ ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ୨୦ଓଭର ରେ ୧୭୧ରନ କରି ପରାଜୟ ହୋଇଥିଲା। ଢେଙ୍କାନାଳ ଢେଙ୍କାନାଳ କ୍ରିକେଟ କ୍ଲବ ତରଫରୁ ବିକାଶ ରାଉତ ୪୮ରନ ସଂଗ୍ରହ କରିଥିଲେ କୁମାରବସ୍ତ ତରଫରୁ ଋଷିଣ୍ଡା ସିଭା ୩ଉଇକେଟ ନେଇଥିଲେ। ଯାହାକି ଚଳିତ ବର୍ଷ ୩୨ତମ ଶାରଳା କପ୍ ବିଜେତା କୁମାରବସ୍ତ ଖୋର୍ଦ୍ଧା କୁ ଟ୍ରଫି ସହ ୩୩ହଜାର ୩ଶହ ୩୩ଟଙ୍କା ଓ ରନର୍ସ ଦଳ ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ କୁ ୨୨ହଜାର ୨ଶହ ୨୨ଟଙ୍କା ଶହ ଟ୍ରଫି ପ୍ରଦାନ କରାଯାଇଥିଲାଅତୀଥି ମାନେ ଉପସ୍ଥିତ ରହି ଉଭୟ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ।

ଅତୀଥି ଙ୍କ ଶହ ଶାରଳା କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତିଙ୍କ ଠାରୁ ମ୍ୟାନ ଅଫ ଦି ମ୍ୟାଚ ଅଭିଷେକ ପଟ୍ଟନାୟକ ଓ ମ୍ୟାନ ଅଫ ଦି ସିରିଜ କୁମାରବସ୍ତ ଖୋର୍ଦ୍ଧାର ଅସୀମା ନନ୍ଦ ଧଳବେହେରାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଡ୍ୟାନସିଂ ଅମ୍ପୟାର ମାଷ୍ଟର ସନ୍ତୋଷ ଓ ମାଷ୍ଟର ଡୋକମ୍ ଖେଳ ପରିଚାଳନା କରିଥିଲେ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ନଟକିଶୋର ମହାନ୍ତି, ଚୈତନ୍ୟ ମହାନ୍ତି, ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ :

## କେ ଟି ଗ୍ଲୋବାଲ କ୍ଲବ୍ ବିଜୟୀ

ଖୋର୍ଦ୍ଧା, ୨।୨ : ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଦିଷ୍ଟ୍ରିକ୍ଟ ଅନୁକୁଲ୍ୟ ରେ ଏକାଦଶ ଦିବସ ଖେଳରେ କେ ଟି ଗ୍ଲୋବାଲ କ୍ରିକେଟ କ୍ଲବ୍ ରାଇଜିଙ୍ଗଷ୍ଟାର କ୍ଲବ୍,କୁମାରବସ୍ତ କ୍ରିକେଟ ଏକାଡେମୀ କୁ ୯୦ ରନ୍ ରେ ପରାସ୍ତ କରିଛି।

ଟସ୍ ରେ ବିଜୟ ହୋଇ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୩୫.୪ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୪୨ ରନ କରିଥିଲେ। ଦଳ ପକ୍ଷରୁ ପ୍ରଜ୍ଞାନ ପତି ୫୯ ରନ୍, ଇଭାନ କଳାପାହାଡ଼ ୨୪ ରନ୍ କରିଥିଲେ ଓମ୍ ସାହୁ ୪ ଟି



ୱିକେଟ ନେଇଥିଲେ। ଜବାବରେ ରାଇଜିଂଗ ଷ୍ଟାର କୁମାରବସ୍ତ ଦଳ ୧୯.୧ ଓଭର ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୫୨ ରନ୍ କରିଥିଲେ। କେ ଟି ପକ୍ଷରୁ ରୋହିତ ଚୌଧୁରୀ ୫ ଟି ୱିକେଟ ସଂଗ୍ରହ କରିଥିଲେ।ଖେଳକୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ୦୩/୦୨/୨୫ ରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବନାମ ଇଗଲ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## ଅଭିଷେକଙ୍କ ଦ୍ୱିତୀୟ ଦ୍ରୁତତମ ଟି-୨୦ ଶତକ

ମୁମ୍ବାଇ, ୨।୨ : ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଟି-୨୦ରେ ଭାରତୀୟ ବାମହାତୀ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା ମାତ୍ର ୩୭ ବଲରେ ଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ଟି-୨୦ରେ ଭାରତ ପାଇଁ ଅଭିଷେକ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିଛନ୍ତି। ୨୦୧୭ରେ ଇନ୍ଦୋରରେ ଶ୍ରୀଲଙ୍କା ବିପକ୍ଷରେ ୩୫ ବଲରେ ଶତକ ହାସଲ କରିଥିବା ରୋହିତ ଶର୍ମାଙ୍କ ନାମରେ ଏହି ରେକର୍ଡ ରହିଛି। ଆଜି ସେ ୱାଙ୍ଖଡେରେ ୫୪ଟି ବଲରେ ୧୩୫ ରନସଂଗ୍ରହ କରିଥିବାବେଳେ ସେଥିରେ ୧୩ଟି ଛକା ଓ ୭ଟି ଚୌକା ରହିଛି।



## ପଞ୍ଚାୟତ ପ୍ରିମିୟର ଲିଗ ଉଦଯାପିତ



ଖୋର୍ଦ୍ଧା, ୨।୨ : ଖୋରଧା ବ୍ଲକ୍ ରାଇରଙ୍ଗଠାରେ ୧୨ ତମ ପଞ୍ଚାୟତ ପ୍ରିମିୟର ଲୀଗର ଉଦଯାପନୀ ସନ୍ଧ୍ୟାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଅଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଡଃ ସଞ୍ଜୟ ପଟ୍ଟନାୟକ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ଏଥିସହିତ ଶ୍ରୀ ପଟ୍ଟନାୟକ ଖେଳାଳୀ ମାନଙ୍କ ସହ ସୌଜନ୍ୟ ମୁଳକ ଭାବେ କିଛି ଓଭର ଖେଳିଥିଲେ। ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଆଜିକାର ଦୈନନ୍ଦିନ ଜୀବନରେ କାର୍ଯ୍ୟ କରିବା ସହ ଖେଳର ଉପଯୋଗିତା ଆଜିକାର ଯୁବପିଢି ମୋବାଇଲ ଓ ଡିଜିଟାଲ ଦୁନିଆରୁ ନିଜକୁ ଦୁରରେ ରଖି ଖେଳିବା ପାଇଁ ସମୟ ଦେବା କେତେ ଜରୁରୀ ମତବ୍ୟକ୍ତ କରିଥିଲେ।

୮ ଗୋଟି ଟିମକୁ ନେଇ ଚାଲିଥିବା ଏହି ଉଦଯାପନୀ ମ୍ୟାଚ ଫ୍ରେଣ୍ଡସ ଏକାଦଶ ବାଜପୁର ଓ ମା ଡିହପୁର ମଧ୍ୟରେ ଖେଳାଯାଇ ଅଛି। ଟସ ଜିତି ମା ଡିହପୁର ନିର୍ଦ୍ଧାରିତ ସମୟରେ ୨୦ ଓଭର ଖେଳି ୧୭୮ ରନ କରିଥିଲା। ଫ୍ରେଣ୍ଡସ ଏକାଦଶ ବାଜପୁର ଏହାର ପିଛା କରି ୧୩୮ ରନ ସଂଗ୍ରହ କରି ୪୦ ରନରେ ପରାସ୍ତ ହୋଇଥିଲେ ମା ଡିହପୁର ଦଳ ପକ୍ଷରୁ ଚନ୍ଦ୍ରକାନ୍ତ ପ୍ରଧାନ ୩୨ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଅଫ୍ରୋଜ୍ ଅଲ୍ଲୀ ମ୍ୟାନ୍ ଅଫ୍ ଦୀ ସିରିଜ୍ ଜିତି ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାଜପୁର ଗ୍ରାମର ସମିତି ସଭ୍ୟ ଦ୍ୱାରିକା ମହାନ୍ତି ପ୍ରିମିଅର ଲିଗର ଉଦଯାପନୀ ସନ୍ଧ୍ୟାକୁ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ରୂପେ ଅକ୍ଷୟ କୁମାର ଦାସ,ଜଗନ୍ନାଥ ସ୍ପୋର୍ଟସ ପ୍ରୋପାଇଟର ସନ୍ତୋଷ ବାବୁ ଓ ପ୍ରିମିୟର ଲୀଗର ଚେୟାର ମ୍ୟାନ୍ ମନୋରଞ୍ଜନ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଷେକଙ୍କ ବିସ୍ଫୋରକ ଶତକ

## ୪-୧ରେ ସିରିଜ ଜିତିଲା ଭାରତ

ମୁମ୍ବାଇ: ଇଂଲଣ୍ଡକୁ ୧୫୦ ରନ୍ ବିଶାଳ ବ୍ୟବଧାନରେ ହରାଇ ୪-୧ରେ ସିରିଜ୍ କବଜା କରିଛି କଲା ଭାରତ। ରବିବାର ମୁମ୍ବାଇ ରୱାଙ୍ଖଢ଼େ ଷ୍ଟାଡିୟମ୍‌ରେ ଖେଳା ଯାଉଥିବା ଟି-୨୦ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌କୁ ଜିତି ନେଇଛି। ଭାରତ ଆଜିର ମ୍ୟାଚ୍‌ରେ ଭାରତ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡକୁ ୨୪୭ ରନ୍ କରିଥିଲା ଜବାବରେ ଇଂଲଣ୍ଡ ମାତ୍ର ୯୭ ରନ୍ କରି ଆଉଟ୍ ହୋଇ ଯାଇଛି ।
ଇଂଲଣ୍ଡ ପକ୍ଷରୁ ଫିଲିପ ସଲ୍ଟ ସର୍ବାଧିକ ୫୫ ରନ୍ କରିଥିବା ବେଳେ ଜାକବ ବାଥେଲ ୧୦ ରନ୍ କରିଛନ୍ତି।ଏହା ବାଦ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କର ରନ୍ ବି କରିପାରି ନଥିଲେ। ସେପଟେ ଭାରତ ପକ୍ଷରୁ ମହମ୍ମଦ ସାମି ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି।
ଭାରତର ୨୪୭ ରନ୍ ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା। ଫିଲିପ ସଲ୍ଟ ସାମୀଙ୍କ ଭଲ୍‌ରେ ଲଗାତର ବାଉଣ୍ଡୀ ମାରି ଭାରତର ଜିତିବା ଆଶା ଏକପ୍ରକାର ଛଡ଼ାଇ ନେଇଥିଲେ। ହେଲେ ୩ ଓଭରର ପ୍ରଥମ ବଲ୍‌ରେ ବେନ ଡକେଟ୍‌ଙ୍କର ୱିକେଟ୍ ଯିବା ପରେ ଇଂଲଣ୍ଡ ଟିମ୍ ଦୁର୍ବଳ ହେବା ଆରମ୍ଭ ହୋଇଥିଲା। ଡକେଟ୍ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ ଏହାପରେ ୧-୨ ଓଭର ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ୱିକେଟ୍ ପଡ଼ିଥିଲା । ଇଂଲଣ୍ଡ ପକ୍ଷରୁ ଫିଲିପ ସଲ୍ଟ ୨୩ ବଲ୍‌ରେ ସର୍ବାଧିକ ୫୫ ରନ୍ କରିଥିବା ବେଳେ ଜାକୋବ ବାଥେଲ ୧୦ ରନ୍ କରିଥିଲେ ବାକି କୌଣସି ବ୍ୟାଟର ଦୁଇ ଅଙ୍କ ବି ଛୁଇଁ ପାରି ନଥିଲେ। ଫଳରେ ଇଂଲଣ୍ଡ ୧୦.୩ ଓଭରରେ ୧୦ ୱିକେଟ୍ ହରାଇ ମାତ୍ର ୯୭ ରନ୍ କରିପାରିଥିଲା । ଅନ୍ୟପଟେ ଆଜି ଭାରତ ଉଭୟ ବୋଲିଂ ଓ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଥିଲା ଦଳ ପକ୍ଷରୁ ମହମ୍ମଦ ସାମୀ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ, ଶିବମ ଦୁବେ ଓ ଅଭିଷେକ ଶର୍ମା ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ। ସେହିପରି ରବି ବିଷ୍ଣୋଇଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା ।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ୨୧ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ସଞ୍ଜୁ ସାମସନ(୧୬) ପୁଣି ସର୍ଟ ବଲ୍‌ରେ ଆଉଟ୍ ହୋଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଅଭିଷେକ ଶର୍ମାଙ୍କ ପାୱାର ପଡ଼ିଆର ଚତୁର୍ଦ୍ଦିଗରେ ଛକା-ଚୌକା ବର୍ଷା କରିଥିଲେ।
ପ୍ରଥମେ ସେ ୧୭ ବଲ୍‌ରେ ଭାରତ ପକ୍ଷରୁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ପାୱାର ପ୍ଲେରେ ନିଜର ସର୍ବାଧିକ ୯୪ ରନ ସଂଗ୍ରହ କରିଥିଲେ ।
ତିଳକ ବର୍ମା ୨୪ ରନ କରିଥିଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୨) ପୁଣି ଥରେ ଖରାପ ଫର୍ମ ଜାରି ରଖି ଆଉଟ୍ ହୋଇଥିଲେ। ଅନ୍ୟପଟେ ଅଭିଷେକ ଶର୍ମା ନିଜର ଧୂଆଁଧାର ବ୍ୟାଟିଂ ଜାରି ରଖି ଇଂଲଣ୍ଡ ବୋଲରଙ୍କୁ ପ୍ରହାର କରି ଚାଲିଥିଲେ। ମଧ୍ୟକ୍ରମରେ ଶିବମ ଦୁବେ(୩୦ ରନ) ତାଙ୍କୁ ଉତ୍ତମ ସହାୟତା ଦେଇଥିଲେ। ଅଭିଷେକ ୩୭ ବଲ୍‌ରୁ ଅନ୍ତର୍ଜାତୀୟ ଟି-୨୦ରେ ତୃତୀୟ ଦ୍ରୁତ ତମ ଶତକ ହାସଲ କରିଥିଲେ ଭାରତ ପକ୍ଷରୁ ରୋହିତ ଶର୍ମାଙ୍କ ପରେ ଅଭିଷେକ ଦ୍ୱିତୀୟ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି। ଅନ୍ୟପଟେ ହାର୍ଦ୍ଦିକ ପାଣ୍ଡ୍ୟା(୯) ଓ ରିଙ୍କୁ ସିଂ(୯) ପାଭିଲିୟନ ଫେରିଥିଲେ। ଅକ୍ଷର ପଟେଲ୍ ୧୫ ରନ କରି ଅପରାଜିତ ଥିଲେ। ଅଭିଷେକ ଶର୍ମା ଆଉଟ୍ ହେବା ପରେ ଭାରତର ଇନିଂସ ଧିମା ପଡିଥିଲା। ଅଭିଷେକ ୫୪ ବଲ୍‌ରୁ ୭ ଚୌକା ଓ ୧୩ ଛକା ବଳରେ ୧୩୫ ରନ କରିଥିଲେ। ତାଙ୍କର ଏହି ଶତକୀୟ ଇନିଂସ ଦମରେ ଭାରତ ୯ ୱିକେଟ୍ ହରାଇ ୨୪୭ ରନ କରିଛି। ଅଭିଷେକ ଟି-୨୦ କ୍ୟାରିୟରରେ ଦ୍ୱିତୀୟ ଶତକ ହାସଲ କରିଛନ୍ତି ।

## ଭୁବନେଶ୍ୱରକୁ ହରାଇ ଯାଜପୁର ବିଜୟୀ

ଭୁବନ : ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଖେଳ ପଡିଆ ରେ ବାପୁ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୪୮ ତମ କ୍ରିକେଟ ଟୁର୍ଣାମେଂଟ ଉଦଘାଟିତ ହୋଇଯାଇଛି । ଭୁବନ ପଂଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯମୁନାକୋଟ ର ପୂର୍ବତନ ସରପଂଚ ଖୁଲଣା ରାଉତ ଯୋଗଦେଇଥିଲେ। ପ୍ରଥମ ଦିନରେ ଏ ଜି ସି ସି ( ଯାଜପୁର) ସହ ଆଇ ଆର ସି ଭିଲେଜ୍ ( ଭୁବନେଶ୍ୱର)ର ଖେଳ ଅନୁଷ୍ଠିତ ହୋଇଥିଲା । ଟସ୍‌ରେ ଜିଣି ଏ ଜି ସି ସି ଯାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ ୱିକେଟ ହରାଇ ୧୫୫ ରନ କରିଥିଲେ। ଏହାର ଜବାବରେ ଭୁବନେଶ୍ୱର ଟିମ୍ ୧୮ ଓଭରରେ ୮ ୱିକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥଲା। ଯାଜପୁର ଦଳ ୧୮ ରନରେ ବିଜୟୀ ହୋଇଥିଲା । ରୁଦ୍ର ନାରାୟଣ ମିଶ୍ର ଓ ସଂଗ୍ରାମ ବାରିକ ଖେଳ ପରିଚାଳନା କରିଥିଲେ ।ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଓ ରାଜେନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ରଞ୍ଜନ ବେହେରା, ସତ୍ୟଜିତ ଦାସ ଓ ବିଶ୍ୱଜିତ୍ ବେହେରା ସ୍କୋର ର ଦାୟିତ୍ୱ ନିର୍ବାହ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ